READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୧୦ ସଂଖ୍ୟା-୬ ୧୬ ଫେବୃଆରୀ - ୨୨ ଫେବୃଆରୀ, ୨୦୨୬ ଭୁବନେଶ୍ୱର Monday Weekly VOL-10 ISSUE-6 16th FEBRUARY- 22nd FEBRUARY, 2026 BHUBANESWAR ₹ 5/- (8 Pages)

### ନବୀନ-ପାଣ୍ଡିଆନଙ୍କ ରୋମ ଗସ୍ତ ବିବାଦ ତେଜିଲା

## ପୁଣି ତଦନ୍ତ ଦାବି କଲା ଓସା

**ଭୁବନେଶ୍ୱର :** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ତତକାଳୀନ ସଚିବ ଭିକେ ପାଣ୍ଡିଆନଙ୍କ ରୋମ ଓ ଜାପାନ ଗସ୍ତକୁ ନେଇ ବିବାଦ ପିଛା ଛାଡୁନି। କିଛିଦିନର ବ୍ୟବଧାନ ପରେ ପୁଣିଥରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ସାଂଘାତିକ ଅଭିଯୋଗ ଅଣାଯିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ରାଜ୍ୟବାସୀଙ୍କ ଟିକସ ଅର୍ଥରେ ଏଭଳି ବିଦେଶ ଗସ୍ତକୁ ନେଇ ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଓସା ଦାବି କରିବା ସହ ବିଧାନସଭା ଅଧିବେଶନବେଳେ ଏହି ପ୍ରସଙ୍ଗ ଉଠାଇବାକୁ ବିଧାୟକମାନଙ୍କୁ ନିବେଦନ କରିଛି। ଓସା ଆବାହକ ପ୍ରଦୀପ କୁମାର ପ୍ରଧାନ ଓ ତାଙ୍କର



ଅନ୍ୟ ସହଯୋଗୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ଅଭିଯୋଗ ଆଣିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଓସା ଆବାହକ ପ୍ରଦୀପ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ରୋମ ଗସ୍ତବେଳେ ପୋପଙ୍କୁ ଭେଟିଥିବା ନବୀନ, ପାଣ୍ଡିଆନ ଓ ତତକାଳୀନ ଆବାସିକ କମିଶନର ରବିକାନ୍ତ ୬ଦିନ ଧରି ଇଟାଲୀରେ କ'ଣ କରୁଥିଲେ। ଏହି ଗସ୍ତ ସମୟରେ ହୋଇଥିବା ବିପୁଳ ଖର୍ଚ୍ଚର କୌଣସି ତଥ୍ୟ ସରକାରୀ ବିଭାଗ ପାଖରେ ନାହିଁ। ପ୍ରାୟ ୮୨ ଲକ୍ଷ ଟଙ୍କାର ହୋଟେଲ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିଛି। ଯଦି ଏହା ସରକାରୀ ଗସ୍ତ ଥିଲା ତେବେ ସରକାରୀ ଦସ୍ତାବିଜରେ ଏହାର ପ୍ରମାଣ କାହିଁକି ନାହିଁ। ବିଦେଶ ଗସ୍ତର ଏହି ଖର୍ଚ୍ଚ କେଉଁ ଏଜେନ୍ସି ମାଧ୍ୟମରେ କରାଯାଇଛି ଓ କିଏ ଏହି ଅର୍ଥ ପ୍ରଦାନ କରିଛି, ତା'ର ଖୋଳତାଡ଼ ହେବା ଜରୁରୀ ବୋଲି ସେ ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଇଟାଲୀ ଗସ୍ତ ପାଇଁ ପ୍ରାୟ ୮୨ ଲକ୍ଷ ଟଙ୍କା ଓ ଜାପାନ ଗସ୍ତ ପାଇଁ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହି ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି ତାହାର ହିସାବ ମିଳୁନାହିଁ। ➤ ପୃ-୬

### ଜମି ଜାଲିଆତି ମାମଲାରେ ପଡିବ ପୂର୍ଣ୍ଣଚ୍ଛେଦ

## ଏଣିକି ଜମି ପଟ୍ଟାରେ କ୍ୟୁଆର କୋଡ୍

**ଭୁବନେଶ୍ୱର :** ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଜମି ଜାଲିଆତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଏଣିକି ଜମି ପଟ୍ଟାରେ ରହିବ କ୍ୟୁଆର କୋଡ୍। ଏହାକୁ ସ୍କାନ କରି ସମ୍ପୃକ୍ତ ଜମିର ସମସ୍ତ ବିବରଣୀ ଜାଣିହେବ ଓ କେହି ଏହାକୁ ଜାଲିଆତି କରି ବିକ୍ରି ପାଇଁ ଉଦ୍ୟମ କଲେ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ସତର୍କ ସୂଚନା ମଧ୍ୟ ଯିବ। ଏଭଳି ଜ୍ଞାନକୌଶଳ ସମ୍ପନ୍ନ ଜମି ପଟ୍ଟା ପ୍ରସ୍ତୁତ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ପ୍ରକୃତ ଜମି ମାଲିକଙ୍କୁ ସୁରକ୍ଷା ଦେବା ସହ ଜମି ମାଫିଆ ଓ



ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାରଙ୍କ ସହ ମିଶି ଓଡ଼ିଶାରେ ଜମି କାରବାରକୁ ଅଧିକ ସ୍ୱଚ୍ଛ ଓ ନିରାପଦ କରିବା ନିମନ୍ତେ ଏକ ବୈପ୍ଳବିକ ପଦକ୍ଷେପ ନେବାକୁ ଯାଉଛନ୍ତି। ଜମିଜମା ସଂକ୍ରାନ୍ତ ଜାଲିଆତି ଓ ଠକେଇକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ପାଇଁ ଏଣିକି ଜମି ପଟ୍ଟାରେ କ୍ୟୁଆର କୋଡ୍ ବ୍ୟବସ୍ଥା କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ଜମି ପଟ୍ଟା ବା ରେକର୍ଡ ଅଫ ରାଇଟସରେ ଏକ ସ୍ୱତନ୍ତ୍ର କ୍ୟୁଆର କୋଡ୍ ରହିବ। ଏହି କୋଡକୁ ସ୍କାନ୍ କରିବା ମାତ୍ରେ ସମ୍ପୃକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ଏହାର ଇତିହାସ ମୋବାଇଲ ସ୍କ୍ରିନରେ ଉପଲବ୍ଧ ହେବ। ଏହି ଡିଜିଟାଲ ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଜମି କିଣିବାକୁ ଚାହୁଁଥିବା ବ୍ୟକ୍ତ ତୁରନ୍ତ ଜମିର ମାଲିକାନା ସତ୍ତ୍ୱ କାହା ନାଁରେ ଅଛି ଓ ଏଥିରେ କୌଣସି ଆଇନଗତ ସମସ୍ୟା ରହିଛି କି ନାହିଁ ତାହା ମଧ୍ୟ ଜାଣିପାରିବେ। ➤ ପୃ-୬

## ପୁଲିସ ବଜେଟ୍ ପାଣ୍ଠିରୁ ଖର୍ଚ୍ଚ ମାତ୍ର ୪୬%


**ଭୁବନେଶ୍ୱର :** ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ୍ ଆଗତ ହେବାକୁ ଆଉ ମାତ୍ର କିଛିଦିନ ବାକି ରହିଛି। କିନ୍ତୁ ଓଡ଼ିଶା ପୁଲିସର ପ୍ରଶାସନିକ ସ୍ଥାଣୁତା ଓ ଅପାରଗତା ଯୋଗୁ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ମୋଟ୍ ବଜେଟ୍ ପାଣ୍ଠିରୁ ମାତ୍ର ୪୬.୧୭% ଅର୍ଥ ଖର୍ଚ୍ଚ ସମ୍ଭବପର ହୋଇପାରିଛି। ଓଡ଼ିଶା ପୁଲିସ ପାଇଁ ରାଜ୍ୟ ସରକାର ୯୩୮.୦୩କୋଟି ଟଙ୍କାର ବିଶାଳ ପାଣ୍ଠି ବ୍ୟୟବରାଦ କରିଥିଲେ ମଧ୍ୟ ପୁଲିସ ମୁଖ୍ୟାଳୟର ଚରମ ଅବହେଳା ଯୋଗୁ ଏଥିରୁ ମାତ୍ର ୩୬୨.୦୩କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିବା ଜଣାପଡ଼ିଛି। ଏପଟେ ବଜେଟ୍ ଅର୍ଥ ଖର୍ଚ୍ଚ ନିମନ୍ତେ ରାଜ୍ୟ ଅର୍ଥ ବିଭାଗ ମଧ୍ୟ ଫେବୃୟାରୀ ୨୭ତାରିଖ



ସୁଦ୍ଧା ଅବ୍ୟବହୃତ ବଜେଟ୍ ଅର୍ଥ ସରେଣ୍ଡର କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିସାରିଲେଣି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କିଛି ସପ୍ତାହ ବାକିଥିବାବେଳେ ଆବଣ୍ଟିତ ବଜେଟ ଅର୍ଥରୁ ମାତ୍ର ୪୬.୧୭% ବିନିଯୋଗ ହେବା ଓଡ଼ିଶା ପୁଲିସର ପ୍ରଶାସନିକ ଅପାରଗତା ଓ ଦାୟିତ୍ୱହୀନତାକୁ ପଦାରେ ପକାଇ ଦେଇଛି। ଏପରିକି ରାଜ୍ୟରେ ମହିଳା ହିଂସା, ନିର୍ଯାତନା ମାମଲା ବୃଦ୍ଧି ପାଉଥିବାବେଳେ ସୁଭଦ୍ରା ସୁରକ୍ଷା ଯୋଜନାରେ ଆବଣ୍ଟିତ ୫୨.୬୬କୋଟି ଟଙ୍କା ମଧ୍ୟରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାରେ ପୁଲିସ ସକ୍ଷମ ହୋଇପାରିନାହିଁ ବୋଲି ପୁଲିସ ମୁଖ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଭିତ୍ତିଭୂମିର ଆବଶ୍ୟକତା ଥିବାବେଳେ ସାଇବର ସୁରକ୍ଷା ଓ ଏଆଇ ଉପକରଣ କ୍ରୟରେ ଆବଣ୍ଟିତ ଅର୍ଥ ବ୍ୟବହାର ନକରି ଓଡ଼ିଶା ପୁଲିସ ନିଜର ଆଧୁନିକୀକରଣକୁ ଏକପ୍ରକାର ଠପ୍ କରିଦେଇଛି। ➤ ପୃ-୬

## ଖସିଲା ଓଡ଼ିଶାର ମାସିକ ମୁଦ୍ରାସ୍ଫୀତି

**ଭୁବନେଶ୍ୱର :** ବିଭିନ୍ନ ଖାଉଟି ଦ୍ରବ୍ୟ ଓ ସେବାର ଖୁଚୁରା ମୂଲ୍ୟ ବଢ଼ିଲେ, ଖାଉଟି ଚିନ୍ତା ବଢ଼େ। ପୂର୍ବରୁ ଓଡ଼ିଶାରେ ବିଭିନ୍ନ ଖାଉଟି ସାମଗ୍ରୀର ଖୁଚୁରା ମୁଦ୍ରାସ୍ଫୀତି ଦେଶରେ ପ୍ରାୟ ଆଗରେ ରହୁଥିବାବେଳେ ଏବେ କମିବା ଏକ ଭଲ ସଙ୍କେତ ଦେଉଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ନୂଆ ମାସିକ ମୁଦ୍ରାସ୍ଫୀତି ରିପୋର୍ଟରେ ସାରା ଦେଶ ପାଇଁ ଗଣନାର ମୂଳ ବର୍ଷକୁ ବଦଳାଇ ଦିଆଯାଇଛି। ପୂର୍ବରୁ ୨୦୧୨ ବର୍ଷର ହାରାହାରି ମୁଦ୍ରାସ୍ଫୀତିକୁ ହିସାବକୁ ନେଇ ପ୍ରତି ମାସରେ ମୁଦ୍ରାସ୍ଫୀତି କେତେ ବଢ଼ିଲା ତା'ର ମାସିକ ରିପୋର୍ଟ ପ୍ରକାଶ କରାଯାଉଥି ବାବେଳେ ଏବେ ମୂଳ ବର୍ଷକୁ ୨୦୨୪ କରିଦିଆଯାଇଛି। ଯାହାକି ବିଶ୍ୱବ୍ୟାପୀ ଚାଲିଥିବା ବର୍ତ୍ତମାନର ଟ୍ରେଣ୍ଡ ବା ମାନଦଣ୍ଡକୁ ଦେଖି ପ୍ରସ୍ତୁତ କରାଯାଇଛି ବୋଲି ନୂଆଦିଲ୍ଲୀରେ



ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପରିସଂଖ୍ୟାନ ମନ୍ତ୍ରଣାଳୟର ସଚିବ ସୌରଭ ଗର୍ଗ। ପ୍ରକାଶ ପାଇଥିବା ମାସିକ (ଜାନୁଆରୀ) ମୁଦ୍ରାସ୍ଫୀତିରେ ଓଡ଼ିଶା ଦେଶର ଅନ୍ୟତମ କମ୍ ମୁଦ୍ରାସ୍ଫୀତି ଥିବା ରାଜ୍ୟ ବିବେଚିତ ହୋଇଛି। ଜାନୁଆରୀ ମାସରେ ଦେଶର ମାସିକ ମୁଦ୍ରାସ୍ଫୀତି ମାତ୍ର ୨.୭୫ ପ୍ରତିଶତ ରହିଥିବାବେଳେ ଛତିଶଗଡ଼ର ମୁଦ୍ରାସ୍ଫୀତି ସର୍ବନିମ୍ନ ୧.୬୭% ଓ ଓଡ଼ିଶାର ମୁଦ୍ରାସ୍ଫୀତି ଦ୍ୱିତୀୟ କମ ସ୍ତରରେ ଅର୍ଥାତ୍ ୧.୮୭% ରହିଛି। ଜାନୁଆରୀରେ ତେଲେଙ୍ଗାନାର ମାସିକ ➤ ପୃ-୬

## ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି


### ୩୧ ବୃହତ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ



**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଗୋଟିଏ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡ୍କୋ ଅଧକ୍ଷା ଉଷା ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି (ଏଲଏସି) ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ୧୧ ତାରିଖରେ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଡ୍କୋ ଟାୱାରରେ ଅନୁଷ୍ଠିତ ➤ ପୃ-୬

## ଦୟନୀୟ ସ୍ଥିତିରେ ଲୋକାୟୁକ୍ତ, ରାଜ୍ୟ ମାନବାଧିକାର ଆୟୋଗ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସାଧାରଣ ଲୋକଙ୍କ ଆଶାବାଡ଼ି ସାଜିଥିବା ଦୁଇଟି ଶୀର୍ଷ ସାମ୍ବିଧାନିକ ଅନୁଷ୍ଠାନ ଏବେ ଦୟନୀୟ ସ୍ଥିତିରେ। ଓଡ଼ିଶା ଲୋକାୟୁକ୍ତକୁ ଦୀର୍ଘ ପ୍ରାୟ ୨ବର୍ଷ ଧରି ପଙ୍ଗୁ ହୋଇରହିଥିବାବେଳେ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚଆରସି) ମଧ୍ୟ ସମଦଶା ଭୋଗିବାକୁ ଯାଉଛି। ଆୟୋଗର ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଥିବାବେଳେ ଏବେ ମାତ୍ର ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କ ଭରସାରେ ଆୟୋଗ ପରିଚାଳିତ ହେଉଛି। ତେବେ ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାର ଏହି ଦୁଇ ଶୀର୍ଷ ସାମ୍ବିଧାନିକ ଅନୁଷ୍ଠାନକୁ କାର୍ଯ୍ୟକ୍ଷମ କରିବା




ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ଦିଗରେ ମଧ୍ୟ ଏପର୍ଯ୍ୟନ୍ତ ପଦକ୍ଷେପ ନେଇନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଓଏଚ୍ଆରସି ଆୟୋଗର ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସିମ ଅମିତାଭ ଦାଶଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଏବେ ଏକମାତ୍ର ସଦସ୍ୟ ତଥା ପୂର୍ବତନ ଜିଲ୍ଲା ଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ ଆୟୋଗ ପରିଚାଳିତ ହେଉଛି। ଆୟୋଗରେ ପ୍ରାୟ ୫୪୨୦ରୁ ଅଧିକ ମାମଲା ପଡ଼ି ରହିଥିବାବେଳେ ଦୈନିକ ଆସୁଥିବା ନୂଆ ନୂଆ ଅଭିଯୋଗର ଶୁଣାଣି କରିବା ଜଣେ ସଦସ୍ୟଙ୍କ ପକ୍ଷେ ସମ୍ଭବପର ନୁହେଁ। ଏପରିକି ଆୟୋଗର ଅଧକ୍ଷଙ୍କ ଅନୁପସ୍ଥିତି ଡିଭିଜନ ବେଞ୍ଚ ମଧ୍ୟ କାର୍ଯ୍ୟ କରିପାରୁନି। ପୁଲିସ ଜୁଲୁମ୍ ଓ ସରକାରୀ ବ୍ୟବସ୍ଥାରେ ନିର୍ଯାତିତ ଓ ଶୋଷିତ ହେଉଥିବା ସାଧାରଣ ଲୋକଟିଏ ନ୍ୟାୟ ପାଇବା ନିମନ୍ତେ ଆୟୋଗଙ୍କ ଦ୍ୱାରସ୍ଥ ହୋଇ ତ୍ୱରିତ୍ ନ୍ୟାୟରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଆୟୋଗର ଅଧକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟକାଳ ସରୁଥିବା ଜାଣି ମଧ୍ୟ ରାଜ୍ୟ ସରକାର କାହିଁକି ୩ମାସ ପୂର୍ବରୁ ଏହି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲେନାହିଁ ଓ ମାନବାଧିକାର ଆୟୋଗ ଭଳି ଅନୁଷ୍ଠାନକୁ ଅକାମୀ କରି ପକାଇ ରଖିବାକୁ ପରୋକ୍ଷରେ ପ୍ରୋତ୍ସାହିତ କରିଛନ୍ତି ତାହା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ନୀତିରେ ଜଡ଼ିତ ନେତା-ମନ୍ତ୍ରୀ ଓ ଅଫିସରଙ୍କ ବିରୁଦ୍ଧରେ ଅଭିଯୋଗ ନିମନ୍ତେ ସାଧାରଣ ଲୋକଟିଏ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇପାରୁଥିଲା। କିନ୍ତୁ ରାଜ୍ୟ ସରକାର ଦୀର୍ଘ ୨ବର୍ଷ ହେଲା ଏହାକୁ ଅଚଳ କରି ରଖିଛନ୍ତି। ୨୦୨୪ ମାର୍ଚ୍ଚ-ଅଗଷ୍ଟ ମାସରେ ଲୋକାୟୁକ୍ତ ଅଧକ୍ଷ ଜଷ୍ଟିସ ଅଜିତ୍ ସିଂ ଓ ୩ଜଣ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି। ଆଉ ଲୋକାୟୁକ୍ତ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ର ପ୍ରାବଧାନ ଅନୁସାରେ ➤ ପୃ-୬

### ବକ୍ରବାଣୀ



ଆମେରିକା ଶୁଳ୍କ ଅଠର ହେଲା
ଭାରତ ଟାରିଫ୍ ଶୂନ୍ୟେ ରହିଲା
ମେକ୍ ଇନ୍ ଇଣ୍ଡିଆ ଚୂଲିକି ଗଲା
ବିଦେଶୀ ଜିନିଷ ମନ କିଣିଲା
ନରେନ୍ଦର୍ ଭାଇ କି ମାୟା କଲା
ଟ୍ରମ୍ପ୍ ପାଶେ ସରେଣ୍ଡର୍ ହୋଇଲା
ମାରି ଚାଲିଲା ସେ ମାଷ୍ଟର୍ ଷ୍ଟ୍ରୋକ୍
ଭାରତୀୟଙ୍କର ଆସିବ ବ୍ରେକ୍
ଭକ୍ତ ମିଡିଆଙ୍କୁ ଲାଗୁଛି ଜୋକ୍
ବିରୋଧୀ ଲାଗନ୍ତି ଛୋଟିଆ ଲୋକ୍।

—— ଟୁଟୁ

### ଖରା ଆସିନି,ଦେଖା ଦେଲାଣି ଜଳ ଯନ୍ତ୍ରଣା

## କେଉଁଠି ପ୍ରକଳ୍ପ କାମ ଆରମ୍ଭ ହୋଇନି ତ କେଉଁଠି ଅଧପନ୍ତିରିଆ

**ଭୁବନେଶ୍ୱର :** ଖରା ଆସିନି ହେଲେ ସାରା ରାଜ୍ୟରେ ଦେଖା ଦେଲାଣି ଜଳ ଯନ୍ତ୍ରଣା। କେଉଁଠି ପ୍ରକଳ୍ପ କାମ ଆରମ୍ଭ ହୋଇନି ତ କେଉଁଠି ଅଧପନ୍ତିରିଆ ଭାବେ ପଡ଼ି ରହିଛି ପ୍ରକଳ୍ପ। ପୂର୍ବ ସରକାରଙ୍କ ଠିକାଦାର ପୋଷାନୀତିର ଫଳ ଭୋଗୁଛନ୍ତି ଲୋକେ। ବିଜେଡି ସରକାରର ୭ ବର୍ଷରେ ମାତ୍ର ୩ ମେଗା ଜଳ ପ୍ରକଳ୍ପ ହୋଇଥିବା ବେଳେ ବିଜେପି ସରକାରରେ ୨୦ ମାସରେ ୨୩ ପ୍ରକଳ୍ପ ହୋଇଛି। ସମସ୍ତଙ୍କୁ ବିଶୁଦ୍ଧ ପାଇପ୍ ପାଣି ମିଳିବ। ଏଥିପାଇଁ ଜଳଜୀବନ ମିଶନରେ ଶହ ଶହ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ମୋଦି ସରକାର। କିନ୍ତୁ ରାଜ୍ୟରେ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ଶାସନର ଅପାରଗତା ଓ ଭୟଙ୍କର ଦୁର୍ନୀତି କାରଣରୁ କେମିତି ଓଡ଼ିଶାବାସୀ ଜଳ ଯନ୍ତ୍ରଣା ଭୋଗୁଛନ୍ତି ସେ ନେଇ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ। ୨୦୧୭ରୁ ୨୦୨୪ ଜୁନ୍ ମାସ। ରାଜ୍ୟରେ ବିଜେଡି ସରକାରର ଶେଷ ସାଢ଼େ ସାତ ବର୍ଷରେ ରାଜ୍ୟରେ ମାତ୍ର ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ଏହାର କାରଣ ହେଲା ବିଜେଡି ସରକାରର ଅଣ ଓଡ଼ିଆ ଠିକାଦାର ପୋଷା ନୀତି। ମନଇଚ୍ଛା ଅଣଓଡ଼ିଆ ଠିକାଦାରଙ୍କୁ କାମ ଦେଇ ମୋଟା କମିଶନ ଆୟ କରିଥିଲେ ବିଜେଡି ସରକାର। ଆଉ ପ୍ରକଳ୍ପ ସମ୍ପୂର୍ଣ୍ଣ ନ କରି ଟଙ୍କା ନେଇ ଛୁ ମାରିଲେ ଠିକାଦାର। କେନ୍ଦ୍ରାପଡା ଅଞ୍ଚଳର ଜଳ ସମସ୍ୟା ନେଇ ଆରଟିଆଇ ରିପୋର୍ଟରୁ ସାମ୍ନାକୁ ଆସିଛି ସାଙ୍ଘାତିକ ତଥ୍ୟ। ଜିଲ୍ଲାରେ ଜଳ ସମସ୍ୟା ଦୂର କରିବାକୁ ପୂର୍ବ ବିଜେଡି ସରକାର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ



ଆରମ୍ଭ ହୋଇଥିଲା ୬ଟି ମେଗା ପ୍ରୋଜେକ୍ଟ। ୨୪ରେ ସରିବା କଥା, ବର୍ତ୍ତମାନ ସୁଦ୍ଧା ସରିନି ଗୋଟିଏ ବି ପ୍ରକଳ୍ପର କାମ। ମହାକାଳପଡ଼ା, ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ରାଜନଗର, ମାର୍ଶାଘାଇ ଏବଂ ଗରଦପୁରରେ ପ୍ରକଳ୍ପର ୫୦ ପ୍ରତିଶତ କାମ ବି ସରିପାରୁନି। ହେଲେ ସେପଟେ ପ୍ରକଳ୍ପ କାର୍ଯ୍ୟ ଅଧା ସରିନଥିଲେ ବି ଠିକାଦାର ନେଇ ସାରିଲେଣି ପ୍ରକଳ୍ପର ଅଧାରୁ ଅଧିକ ଟଙ୍କା। ସେହିପରି କଳାହାଣ୍ଡି ଜିଲ୍ଲାରେ ୨୦୨୧ ମାର୍ଚ୍ଚ ୩ରେ ଗୋଲାମୁଣ୍ଡା ବ୍ଲକର ବନ୍ଧା ଗାଁ ତେଲ ନଦୀ କୂଳରେ ୧୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଆଜି ପର୍ଯ୍ୟନ୍ତ ୮୬ ଟି ଗାଁକୁ ପାଣି ପହଞ୍ଚି ପାରିନାହିଁ। ଅନ୍ୟପଟେ ନିକଟରେ ରାଜ୍ୟରେ ପାନୀୟ ଜଳ ଯୋଗାଣର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗାଁକୁ ପାଇପ ଜଳ ଯୋଗାଣ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ନିର୍ଦ୍ଦେଶ। ବର୍ତ୍ତମାନ ରାଜ୍ୟର ୪୬ ହଜାର ୫୩୧ଟି ଗ୍ରାମ ମଧ୍ୟରୁ ୨୧ ହଜାର ୭୨୧ଟି ଗ୍ରାମରେ ପାଇପ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ତେଲ ମସଲା ଖାଦ୍ୟ ଖାଆନ୍ତୁ ନାହିଁ। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ ଝଗଡା ହୋଇପାରେ। ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ହାନୀ ହୋଇପାରେ। ପ୍ରତିକାର : ୪୧ଥର ଓଁ ରାହବେ ନମଃ ଜପ କରନ୍ତୁ।

**ବୃଷ** ଥକା ଅନୁଭବ କରିବେ ଓ ଅନ୍ୟଙ୍କ ଉପରେ ବିରକ୍ତ ହୋଇପାରନ୍ତି। ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ପରିବାରରେ ଖୁସି ପାଇବେ। ପିତାମାତାଙ୍କ ପରାମର୍ଶ ନିଅନ୍ତୁ : ପ୍ରତିକାର : ଶୁକ୍ରବାର ଦିନ ଲକ୍ଷ୍ମୀ ନାରାୟଣଙ୍କ ଠାରେ ହୋମ କରନ୍ତୁ।

**ମିଥୁନ** ପୁରୁଣା ରୋଗରୁ ମୁକ୍ତି ମିଳିବ। ସଞ୍ଚିତ ଧନ କାମରେ ଲାଗିବ। ପୁରୁଣା ବନ୍ଧୁଙ୍କ ଅନ୍ୟ ସାଥିରେ ଦେଖି ଦୁଃଖିତ ହେବେ। କାର୍ଯ୍ୟକ୍ଷେତ୍ରରେ ମତଭେଦ ହେବ। ପ୍ରତିକାର : ବୃହସ୍ପତିଙ୍କୁ ଧ୍ୟାନ କରନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଧନ ସମସ୍ୟାରେ ପଡିପାରନ୍ତି। ଛୋଟ ପିଲାଙ୍କ ସହ ସମୟ ବିତାନ୍ତୁ। କାର୍ଯ୍ୟକ୍ଷେତ୍ରରେ ଅଳସୁଆ ହେବେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ସିଂହ** ଅନେକ ସ୍ରୋତରୁ ଅର୍ଥ ଆସିବ। ଖର୍ଚ୍ଚରେ ଲଗାମ ଲଗାନ୍ତୁ। ପରିବାର ସହ ଦୂରଯାତ୍ରା କରନ୍ତୁ। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର : ଶନିବାର ଦିନ ରାଶି ତେଲ ଦୀପ ଜାଳନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଆର୍ଥିକ ସ୍ଥିତି ବିଗିଡିବା ଆଗରୁ ସତର୍କ ରୁହନ୍ତୁ। ଖରାପ ସଙ୍ଗତରୁ ଦୂରେଇ ରହନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ତୁଳା** ମାନସିକ ଚିନ୍ତାରୁ ମୁକ୍ତି ମିଳିବ। ଗାଡି ଚଳାଇବା ବେଳେ ସତର୍କ ରହନ୍ତୁ। ଖର୍ଚ୍ଚରେ ଲଗାମ ଲଗାନ୍ତୁ। ଛାତ୍ରମାନେ ବିଦେଶ ପଢ଼ିବା ପାଇଁ ଯାଇ ପାରନ୍ତି। ପ୍ରତିକାର : ମଙ୍ଗଳବାର ଦିନ ରାହୁ ଓ କେତୁଙ୍କ ଅର୍ଚ୍ଚନା କରନ୍ତୁ।

**ବିଛା** ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ପୂର୍ବରୁ ଲଗାଇଥିବା ଧନରୁ ଅର୍ଥପ୍ରାପ୍ତି ଯୋଗ ଅଛି। ଉଧାର ଦିଅନ୍ତୁ ନାହିଁ। ଘରର ସଦସ୍ୟଙ୍କ ପରାମର୍ଶ ନିଅନ୍ତୁ। ଭାଗୀଦାରଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର : ଓଁ ହନୁମତେ ନମଃ ଜପ କରନ୍ତୁ।

**ଧନୁ** ସ୍ୱାସ୍ଥ୍ୟରେ ବଡଧରଣର ପରିବର୍ତ୍ତନ ହୋଇପାରେ। ଆୟରେ ବୃଦ୍ଧି ହେବ। ପରିବାରର ପିଲାଙ୍କ ପାଇଁ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ଗୁରୁତ୍ୱ କମିବ। ପ୍ରତିକାର : ଗୁରୁବାର ଦିନ ବୃଦ୍ଧ ବ୍ରାହ୍ମଣଙ୍କୁ ଭୋଜନ କରାନ୍ତୁ।

**ମକର** ମନ ଚଞ୍ଚଳ ରହିବ। କାର୍ଯ୍ୟକ୍ଷେତ୍ରରେ ଝଗଡା ହୋଇପାରେ। ଜିନିଷ କିଣିବା ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ପରିବାରରେ ଅଧିକ ସମୟ କଟାଇବେ। ପ୍ରତିକାର : ଶନିବାର ଦିନ ଶନିଙ୍କ ସନ୍ତୁଷ୍ଟ କରନ୍ତୁ।

**କୁମ୍ଭ** ଆଣ୍ଠୁଗଣ୍ଠି ଜନିତ କଷ୍ଟ ପାଇପାରନ୍ତି। ବ୍ୟୟରେ ବୃଦ୍ଧି ହେବ। ସମାଜରେ ସମ୍ମାନିତ ହେବେ। ପରିବାରରେ ମୁଖ ପାଇବେ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖି ହୋଇପାରନ୍ତି। ପ୍ରତିକାର : ଓଁ ମନ୍ଦାୟ ନମଃ ୧୭ଥର ଜପ କରନ୍ତୁ।

**ମୀନ** ମନ ଅସ୍ଥିର ରହିବ। କ୍ଷତି ହୋଇପାରେ। ପୁଞ୍ଜି ବିନିଯୋଗ ପୂର୍ବରୁ ବିଚାର କରନ୍ତୁ। ଉଚ୍ଚ ଅଧିକାରୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ସଫଳତାର ଅନ୍ୟ ଛାତ୍ରମାନେ ଦୁଃଖି ହେବେ। ନିଜ ସମ୍ପର୍କରେ ତୃତୀୟ ବ୍ୟକ୍ତିର ପ୍ରବେଶକୁ ରୋକନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପ୍ରଭାବଶାଳୀ ପାସ୍‌ପୋର୍ଟ; ୭୫ତମ ସ୍ଥାନରେ ଭାରତ



**ନୂଆଦିଲ୍ଲୀ:** ବିଶ୍ୱର ପ୍ରଭାବଶାଳୀ ପାସ୍‌ପୋର୍ଟ ତାଲିକାରେ ଭାରତୀୟ ପାସ୍‌ପୋର୍ଟ ୭୫ତମ ସ୍ଥାନରେ ରହିଛି। ଚଳିତ ବର୍ଷ ଆରମ୍ଭ ବେଳକୁ ଏହି ତାଲିକାରେ ଭାରତ ୮୦ତମ ସ୍ଥାନରେ ଥିଲା। ମାସକ ଭିତରେ ସେଥିରେ ପାଞ୍ଚ ପାହାଚର ଉନ୍ନତି ଘଟିଥିବା ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସର ୨୦୨୬ ଫେବ୍ରୁଆରି ରିପୋର୍ଟରୁ ଜଣାପଡ଼ିଛି। ହେନ୍‌ଲି ଅନୁସାରେ ଯେଉଁ ଦେଶର ପାସ୍‌ପୋର୍ଟ ମାଧ୍ୟମରେ ଯେତେ ଅଧିକ ଦେଶକୁ ଭିସାମୁକ୍ତ ପ୍ରବେଶ ଅନୁମତି ମିଳିବ ତାହା ସେତେ ଶକ୍ତିଶାଳୀ। ତେବେ ଭାରତର ସର୍ବଶ୍ରେଷ୍ଠ ର୍‍ୟାଙ୍କ୍ ୨୦୦୬ରେ ୭୧ ଥିଲା। ତାପରଠାରୁ ଭାରତୀୟ ପାସ୍‌ପୋର୍ଟ ଏହି ତାଲିକାରେ ତଳକୁ ତଳକୁ ଖସିଥିଲା। ହେନ୍‌ଲି ତାଲିକା ଅନୁସାରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ହେଉଛନ୍ତି ସିଙ୍ଗାପୁରର ପାସ୍‌ପୋର୍ଟ। ସେଥିରେ ସର୍ବାଧିକ ୧୯୨ଟି ଦେଶକୁ ଭିସାମୁକ୍ତ ପ୍ରବେଶ ଅନୁମତି ରହିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଜାପାନ ଓ ଦକ୍ଷିଣ କୋରିଆ ରହିଥିବା ସହ ତୃତୀୟରେ ସ୍ୱିଡେନ, ୟୁଏଇ ରହିଛନ୍ତି। ଚତୁର୍ଥ ସ୍ଥାନରେ ବେଲଜିୟମ ଓ ସ୍ୱିଜରଲ୍ୟାଣ୍ଡ ଭଳି ୧୨ଟି ଦେଶର ନାମ ରହିଛି। ଆମେରିକା ପାସ୍‌ପୋର୍ଟ ଦଶମ ସ୍ଥାନରେ ରହିଛି। ତେବେ ମୋଟାମୋଟି ଭାବେ ଦେଖିଲେ ତାଲିକାରେ ଏସୀୟ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ରହିଛି। ସିଙ୍ଗାପୁର, ଜାପାନ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନ ଅକ୍ତିଆର କରିଛନ୍ତି। ଭିସାମୁକ୍ତ ପ୍ରବେଶର ଅର୍ଥ ହେଉଛି ଏହି ଦେଶଗୁଡ଼ିକର ବିଭିନ୍ନ ଦେଶ ସହ କୂଟନୈତିକ ସମ୍ପର୍କ ବହୁତ ଭଲ ରହିଛି। ବର୍ଷ ବର୍ଷ ଧରି ସେମାନଙ୍କ ର୍‍ୟାଙ୍କରେ ବିଶେଷ ପରିବର୍ତ୍ତନ ହେଉନାହିଁ। କିନ୍ତୁ କିଛି ବର୍ଷ ମଧ୍ୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ପାସ୍‌ପୋର୍ଟର ପ୍ରଭାବ କମ୍ ହେବାରେ ଲାଗିଛି। ୨୦୧୪ ବେଳକୁ ଆମେରିକା ଓ ବ୍ରିଟେନ୍‌ର ପାସ୍‌ପୋର୍ଟ ତାଲିକାର ଅଗ୍ରଣୀ ସ୍ଥାନରେ ଥିଲା। ଏବେ ସେମାନେ ଯଥେଷ୍ଟ ତଳକୁ ଖସିଆସିଛନ୍ତି।

# ୨୦୨୫-୨୬ ଆର୍ଥିକ ବର୍ଷରେ କମିପାରେ ପ୍ରତ୍ୟକ୍ଷ କର ସଂଗ୍ରହ




**ନୂଆଦିଲ୍ଲୀ :** ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ମାତ୍ର କିଛି ସପ୍ତାହ ବାକି ଥିବାବେଳେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଏକ ବଡ଼ ଚ୍ୟାଲେଞ୍ଜର ସାମ୍ନା କରୁଛନ୍ତି। ବଜେଟ୍ ଆକଳନ ତୁଳନାରେ ସଂଶୋଧିତ ଲକ୍ଷ୍ୟକୁ ପୂର୍ବରୁ ହିଁ ୧ ଲକ୍ଷ କୋଟି ଟଙ୍କା ହ୍ରାସ କରାଯାଇ ୨୪.୨୧ ଲକ୍ଷ କୋଟି ଟଙ୍କା ରଖାଯାଇଛି। ତଥାପି ଏହି ଲକ୍ଷ୍ୟ ପୂରଣ କରିବା କଷ୍ଟକର ମନେ ହେଉଛି। ୧୦ ଫେବୃଆରୀ ସୁଦ୍ଧା ନିଟ୍ ପ୍ରତ୍ୟକ୍ଷ ଟିକସ ୧୯.୪୩ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଛି ଯାହା ଗତ ବର୍ଷ ତୁଳନାରେ ୯.୪% ଅଧିକ। ଏହି ସମୟରେ ଗ୍ରସ୍ ଟିକସ ସଂଗ୍ରହ ୨୨.୭୮ ଲକ୍ଷ କୋଟି ଟଙ୍କା ରହିଛି। ତେଣୁ ବାକି ରହିଥିବା ଲକ୍ଷ୍ୟ ହାସଲ କରିବାକୁ ମାର୍ଚ୍ଚ ଶେଷ ସୁଦ୍ଧା ସରକାରଙ୍କୁ ଆଉ ପ୍ରାୟ ୪.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ପଡ଼ିବ। ଚଳିତ ବର୍ଷ ଟିକସ ଫେରସ୍ତ ବା ରିଫଣ୍ଡ୍ ପରିମାଣରେ ୧୮.୮୨% ହ୍ରାସ ଘଟିଛି। ଏହି କାରଣରୁ ନିଟ୍ ସଂଗ୍ରହ ସଂଖ୍ୟା ଅଧିକ ଦେଖାଯାଉଥିଲେ ମଧ୍ୟ ପ୍ରକୃତ ଟିକସ ଅଭିବୃଦ୍ଧି ଆଶାନୁରୂପ ହୋଇନାହିଁ। ବ୍ୟବସାୟିକ କ୍ଷେତ୍ରରୁ ଆଶା କରାଯାଉଥିବା ଟିକସ ବୃଦ୍ଧିରେ ମନ୍ଥରତା ଦେଖାଦେଇଛି। ବ୍ୟକ୍ତିଗତ ଟିକସଦାତାଙ୍କୁ ଦିଆଯାଇଥିବା ବିଭିନ୍ନ ରିହାତି ଯୋଗୁଁ ଅଣ-କର୍ପୋରେଟ୍ ଟିକସ ସଂଗ୍ରହ ଲକ୍ଷ୍ୟକୁ ମଧ୍ୟ ସରକାର ପ୍ରାୟ ୮% ହ୍ରାସ କରିଛନ୍ତି। ଅର୍ଥନୀତିଜ୍ଞଙ୍କ ଅନୁଯାୟୀ, ସାଧାରଣତଃ ମାର୍ଚ୍ଚ ମାସରେ ଅଗ୍ରୀମ ଟିକସ ପୈଠ କରାଯାଉଥିବାରୁ ସଂଗ୍ରହରେ ବୃଦ୍ଧି ଘଟେ। ଯଦି ଆସନ୍ତା ମାସରେ ଟିକସ ସଂଗ୍ରହରେ ବଡ଼ ଧରଣର ବୃଦ୍ଧି ନ ଘଟେ, ତେବେ ସରକାର ନିଜର ସଂଶୋଧିତ ଲକ୍ଷ୍ୟଠାରୁ ମଧ୍ୟ ପଛରେ ରହିଯାଇପାରନ୍ତି।

# ଦୁଇ ବର୍ଷରେ ୨୧୪ ଲକ୍ଷ କୋଟି ଛୁଇଁବ ଭାରତର ଋଣ



**ନୂଆଦିଲ୍ଲୀ :** ନିକଟରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଦେଶର ଆର୍ଥିକ ସ୍ଥିତି ଓ ଋଣ ଭାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ମୋଟ ଦେଣଦେଣ ପରିମାଣ ପ୍ରାୟ ୧୭.୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇବାକୁ ଯାଉଛି। ଯଦି ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟର ଋଣକୁ ମିଶାଯାଏ, ତେବେ ଏହା ଜିଡିପିର ପ୍ରାୟ ୮୨% ହେବ। ରିପୋର୍ଟ ଅନୁଯାୟୀ ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ଭାରତର ମୋଟ ଆନୁମାନିକ ଋଣ ୨୧୪,୮୨,୦୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହି ସମୟରେ ଆଭ୍ୟନ୍ତରୀଣ ଋଣ ପ୍ରାୟ ୨୦୭.୭ ଲକ୍ଷ କୋଟି ଟଙ୍କା ଏବଂ ବୈଦେଶିକ ଋଣ ପ୍ରାୟ ୭.୧୧ ଲକ୍ଷ କୋଟି ଟଙ୍କା ରହିବ। ସରକାରଙ୍କ ମୋଟ ଋଣର ସିଂହଭାଗ ହେଉଛି ଆଭ୍ୟନ୍ତରୀଣ, ଯାହା ବଣ୍ଡ୍ ଏବଂ ଟ୍ରେଜେରୀ ବିଲ୍ ମାଧ୍ୟମରେ ଘରୋଇ ବଜାରରୁ ସଂଗ୍ରହ କରାଯାଇଥାଏ। ତେବେ ଋଣର ପରିମାଣ ଅଧିକ ଜଣାପଡୁଥିଲେ ମଧ୍ୟ ଜିଡିପି ତୁଳନାରେ ଏଥିରେ ସାମାନ୍ୟ ସୁଧାର ଆସିଛି। ଋଣ-ଜିଡିପି ଅନୁପାତ ୨୦୨୬-୨୭ ବର୍ଷ ପାଇଁ ଏହା ୫୫.୬% ରହିବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ (୫୬.୧%) ତୁଳନାରେ କମ୍। ସରକାର ୨୦୩୦ ସୁଦ୍ଧା ଏହି ଅନୁପାତକୁ ୫୦%କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅର୍ଥନୀତିଜ୍ଞଙ୍କ ମତରେ ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଋଣ ଏକ ଅପରିହାର୍ଯ୍ୟ ସାଧନ। ହାଇୱେ, ରେଳପଥ, ବନ୍ଦର, ଡିଜିଟାଲ୍ ଭିତ୍ତିଭୂମି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ବଡ଼ ଧରଣର ପୁଞ୍ଜି ନିବେଶ ପାଇଁ ଏହି ଋଣ ବ୍ୟବହାର କରାଯାଉଛି, ଯାହା ଭବିଷ୍ୟତରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

# କର୍ତ୍ତବ୍ୟ, କରୁଣା ଏବଂ ପ୍ରଥମେ ଭାରତ ପ୍ରତିବଦ୍ଧତାର ପ୍ରତୀକ ହୋଇ ରହିବ 'ସେବା ତୀର୍ଥ: ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏଥିସହିତ ଦେଶବାସୀଙ୍କ ସେବା କରିବା ପାଇଁ ନିଜର ଅତୁଟ ସଂକଳ୍ପକୁ ଦୋହରାଇଛନ୍ତି। ଏହି ଅବସରରେ ସେ 'ନାଗରିକ ଦେବୋ ଭବ'ର ପବିତ୍ର ଭାବନାକୁ ଏହାର ମାର୍ଗଦର୍ଶକ ଶକ୍ତି ଭାବରେ ଆଲୋକପାତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସେବା ତୀର୍ଥର ଲୋକାର୍ପଣ ଜନସେବା ଏବଂ ନାଗରିକଙ୍କ କଲ୍ୟାଣ ପ୍ରତି ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ କହିଛନ୍ତି, 'ସେବା ତୀର୍ଥ' କର୍ତ୍ତବ୍ୟ, କରୁଣା ଏବଂ ପ୍ରଥମେ ଭାରତ ନୀତି ଲାଗି ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ପ୍ରତୀକ ଭାବରେ ଠିଆ ହୋଇଛି। ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ। ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି; 'ଦେଶବାସୀଙ୍କୁ ସେବା କରିବାର ଅତୁଟ ସଂକଳ୍ପ ସହିତ ଏବଂ ନାଗରିକ ଦେବୋ ଭବ ର ପବିତ୍ର ଭାବନା ନେଇ ଆଜି ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବାର ସୌଭାଗ୍ୟ ମିଳିଲା। 'ସେବା ତୀର୍ଥ' କର୍ତ୍ତବ୍ୟ, କରୁଣା ଏବଂ ଭାରତ ପ୍ରଥମ ନୀତି ଲାଗି ଆମ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ଉଦାହରଣ। ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ ତଥା ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ମୁଁ ଆଶା କରୁଛି।'

# ଶୀତକାଳୀନ ଅଲିମ୍ପିକ୍ସରେ କଣ୍ଡୋମ୍ ସଙ୍କଟ

**ନୂଆଦିଲ୍ଲୀ :** ଇଟାଲୀରେ ଅନୁଷ୍ଠିତ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଖେଳ ଆରମ୍ଭର ମାତ୍ର ୩ ଦିନ ମଧ୍ୟରେ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମାଗଣା କଣ୍ଡୋମ ଶେଷ ହୋଇଯାଇଛି, ଯାହା ଆୟୋଜକଙ୍କୁ ଚିନ୍ତାରେ ପକାଇଛି। ମିଲାନ୍-କୋର୍ଟିନା ଅଲିମ୍ପିକ୍ସ ଭିଲେଜରେ ପ୍ରାୟ ୨,୯୦୦ ଆଥଲେଟ୍ ରହୁଥିବାବେଳେ ସେମାନଙ୍କ ପାଇଁ ଆୟୋଜକମାନେ ୧୦,୦୦୦ ପ୍ୟାକେଟ୍ କଣ୍ଡୋମ ମାଗଣାରେ ବାଣ୍ଟିବାକୁ ରଖିଥିଲେ। କିନ୍ତୁ ମାତ୍ର ୩ ଦିନ ମଧ୍ୟରେ ଏହି ଷ୍ଟକ୍ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି। ଫଳରେ ଗେମ୍ସ ଭିଲେଜରେ ଏକ ପ୍ରକାର 'କଣ୍ଡୋମ ସଙ୍କଟ' ଦେଖାଦେଇଛି। ଗତ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରାୟ ୨ ଲକ୍ଷରୁ ଅଧିକ କଣ୍ଡୋମ ଯୋଗାଇ ଦିଆଯାଇଥିଲା। କିନ୍ତୁ ମିଲାନ୍ ଆୟୋଜକମାନେ ଏଥର ମାତ୍ର ୧୦,୦୦୦ ପ୍ୟାକେଟ୍ ରଖିଥିଲେ, ଯାହା ଆବଶ୍ୟକତା ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଅନେକ ଖେଳାଳି ଅଲିମ୍ପିକ୍ସ ଲୋଗୋ ଥିବା ଏହି ସାମଗ୍ରୀଗୁଡ଼ିକୁ ସ୍ମୃତି ଚିହ୍ନ ଭାବରେ ନିଜ ସାଙ୍ଗରେ ନେଇଯାଉଥିବାରୁ ଏହା ଶୀଘ୍ର ଶେଷ ହୋଇଥିବା ଅନୁମାନ କରାଯାଉଛି। ଏହା ବ୍ୟତୀତ ଖେଳାଳିମାନେ ଏକାଠି ରହୁଥିବାରୁ ସୁରକ୍ଷିତ ଯୌନ ସମ୍ପର୍କ ଏବଂ ସ୍ୱାସ୍ଥ୍ୟ ସଚେତନତା ପାଇଁ ଅଲିମ୍ପିକ୍ସରେ ଏଭଳି ସୁବିଧା ଯୋଗାଇଦେବା ଏକ ପୁରୁଣା ପରମ୍ପରା।


'ବନ୍ଦେ ମାତରମ'କୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି

# ଏଣିକି ଠିଆ ହେବା ବାଧ୍ୟତାମୂଳକ



**ନୂଆଦିଲ୍ଲୀ :** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ପକ୍ଷରୁ ଜାରି ହୋଇଛି ନୂଆ ଗାଇଡଲାଇନ। ଏଣିକି ନିର୍ଦ୍ଦିଷ୍ଟ ସରକାରୀ କାର୍ଯ୍ୟକ୍ରମରେ ଜାତୀୟ ଗୀତ ଗାନ କରିବା ବା ପରିବେଷଣ କରିବା ବାଧ୍ୟତା ମୂଳକ। ଜାତୀୟ ଗୀତର ସମସ୍ତ ୬ ଷ୍ଟାଞ୍ଜା ଭର୍ସନ ଗାନ କରାଯିବ। ୩ ମିନିଟ ୧୦ ସେକେଣ୍ଡର ଗୀତକୁ ସ୍ୱତନ୍ତ୍ର ରାଜକୀୟ କାର୍ଯ୍ୟକ୍ରମରେ ଗାନ କରାଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଜାତୀୟ ଗୀତ ପରେ ୫୨ ସେକେଣ୍ଡର ଜାତୀୟ ସଂଗୀତ ଜନ ଗଣ ମନ ଗାନ ହେବ। ଯେଉଁ କାର୍ଯ୍ୟକ୍ରମରେ ଜନ ଗଣ ମନ ଗାନା କରିବା ବାଧ୍ୟତାମୂଳକ ରହିଥିବ, ସେହିଠାରେ ଜାତୀୟ ଗୀତ ପ୍ରଥମେ ଗାନ ହେବ ବୋଲି ମନ୍ତ୍ରଣାଳୟ କହିଛି। ପଦ୍ମ ପୁରସ୍କାର ସମେତ ବିଭିନ୍ନ ନାଗରିକ ସମ୍ମାନ ସମାରୋହ, ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ହେଉଥିବା କାର୍ଯ୍ୟକ୍ରମ ଓ ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ ରାଷ୍ଟ୍ରୀୟ ଗୀତ ଗାନ କରାଯିବ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଯେଉଁ କାର୍ଯ୍ୟକ୍ରମରେ ଉଭୟ ଜାତୀୟ ସଂଗୀତ ଓ ଜାତୀୟ ଗାନର ପ୍ରାବଧାନ ରହିଛି, ସେଠାରେ ପ୍ରଥମେ ଜାତୀୟ ଗୀତ ପ୍ରଥମେ ଗାନ କରାଯିବ। ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମା'ତରମ ଗାନ ବେଳେ ଛିଡ଼ା ହେବା ବାଧ୍ୟତାମୂଳକ। କିନ୍ତୁ ଏହି ନିୟମ ସିନେମା ହଲ ଭଳି ସ୍ଥାନରେ ଲାଗୁ ହେବ ନାହିଁ। ଅତିରିକ୍ତ ଭାବେ ସ୍କୁଲଗୁଡ଼ିକୁ ଦିନର ଆରମ୍ଭ ଜାତୀୟ ଗୀତରୁ ଆରମ୍ଭ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଯେତେବେଳେ ବି ଜାତୀୟ ଗୀତର ଅଫିସିଆଲ ଭର୍ସନ ଗାନ କରାଯିବ କିମ୍ବା ପରିବେଷଣ କରାଯିବ ଉପସ୍ଥିତ ଥିବା ଲୋକମାନେ ଛିଡ଼ା ହେବେ। କିନ୍ତୁ ଫିଲ୍ମର ଅଂଶବିଶେଷ ଭାବେ ଏହା ପରିବେଷଣ ହେଲେ, ଛିଡ଼ା ହେବାର ଆବଶ୍ୟକତା ନାହିଁ। କାରଣ ଏହା ଫିଲ୍ମ ପ୍ରଦର୍ଶନରେ ବାଧା ସୃଷ୍ଟି କରିବ। ଜାତୀୟ ଗୀତର ସମ୍ମାନ ବଦଳରେ ଏହା ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବ ବୋଲି କୁହାଯାଇଛି। ନିର୍ଦ୍ଦେଶ ଅନୁସାରେ, ଜାତୀୟ ପତାକା ଉତ୍ତୋଳନ, ସାଂସ୍କୃତିକ ଉତ୍ସବ କିମ୍ବା ପରେଡ୍ ବ୍ୟତୀତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ଓ ରାଷ୍ଟ୍ରପତିଙ୍କ କୌଣସି ସରକାରୀ କିମ୍ବା ସାର୍ବଜନୀନ ସମାରୋହରେ ଆଗମନ ଆଦି ଅବସରରେ ଜାତୀୟ ଗୀତର ଆଧିକାରିକ ସଂସ୍କରଣ ସାମୂହିକ ଗାୟନ ସହିତ ପରିବେଷଣ କରାଯିବ।

# ଓଡିଶାରୁ ସର୍ବାଧିକ ଗଞ୍ଜେଇ ଜବତ



**ନୂଆଦିଲ୍ଲୀ :** ସଂସଦରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁଯାୟୀ ୨୦୨୦ରୁ ୨୦୨୫ ମଧ୍ୟରେ ନିଶା ଆଇନ ପ୍ରବର୍ତ୍ତନ ଏଜେନ୍ସି ଦେଶରୁ ପ୍ରାୟ ୩୯ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ସର୍ବାଧିକ ଗଞ୍ଜେଇ ଜବତ ଅର୍ଥାତ ୨୭ ପ୍ରତିଶତରୁ ଅଧିକ କେବଳ ଓଡ଼ିଶାରୁ ଜବତ ହୋଇଛି। ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଗତ ସପ୍ତାହରେ ଲୋକସଭାରେ ଦେଶରେ ଜବତ ହୋଇଥିବା ଗଞ୍ଜେଇ ଜବତ ସମ୍ବନ୍ଧୀୟ ଏକ ଲିଖିତ ଉତ୍ତର ରଖିଥିଲା। ଉକ୍ତ ଉତ୍ତର ଅନୁସାରେ ୨୦୨୦ରୁ ନଭେମ୍ବର ୨୦୨୫ ମଧ୍ୟରେ ଦେଶରୁ ୩୮.୮୯ ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଓ ଗଞ୍ଜେଇ ଆଧାରିତ ଔଷଧ(ହାସିସ୍) ଜବତ କରାଯାଇଛି। ଏଥିରୁ କେବଳ ଓଡ଼ିଶାରୁ ୨୭% ଜବତ ହୋଇଛି। ୨୦୨୦ ମସିହାରୁ ନିଶା ଆଇନ ପ୍ରବର୍ତ୍ତନ ଏଜେନ୍ସି ଦେଶରୁ ୩୯ ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଆଧାରିତ ଔଷଧ ଜବତ କରିଛନ୍ତି। ୨୦୨୦ରେ ଦେଶରେ ଏହି ସଂଖ୍ୟା ୫.୮୮ଲକ୍ଷ କିଲୋଗ୍ରାମ ଥିଲା, ଯାହା ୨୦୨୧ରେ ସର୍ବାଧିକ ୮.୧୬ଲକ୍ଷ କିଲୋଗ୍ରାମ ହୋଇଥିଲା । ପରେ ତିନି ବର୍ଷ ଧରି ଲଗାତାର ହ୍ରାସ ପାଇ ୨୦୨୨ରେ ୭.୨୨ଲକ୍ଷ କିଲୋଗ୍ରାମ, ୨୦୨୩ରେ ୬.୩୨ଲକ୍ଷ କିଲୋଗ୍ରାମ ଏବଂ ୨୦୨୪ରେ ୫.୪ଲକ୍ଷ କିଲୋଗ୍ରାମ ଜବତ ହୋଇଥିଲା। ପରେ ୨୦୨୫ରେ ଏହି ଧାରା ଓଲଟି ଯାଇ ୫.୮୯ଲକ୍ଷ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ସର୍ବାଧିକ ଜବତ ହୋଇଥିବା ରାଜ୍ୟ ତାଲିକାରେ ଓଡ଼ିଶା ବଡ଼ ବ୍ୟବଧାନରେ ଶୀର୍ଷରେ ଥିଲା। ଛଅବର୍ଷରେ ଓଡିଶାରୁ ମୋଟ ୧୦.୬୫ଲକ୍ଷ କିଲୋଗ୍ରାମ ଜବତ ହୋଇଛି।

ବିଶ୍ୱର ସବୁଠାରୁ ବଡ ପ୍ରତିରକ୍ଷା ଚୁକ୍ତି

# ୧୧୪ ରାଫେଲ କିଣିବ ଭାରତ



**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି ପାଇବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦିଲ୍ଲୀ ଗସ୍ତ ପୂର୍ବରୁ ରାଫେଲ ଲଢୁଆ ବିମାନ ପାଇଁ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ମେଗା ଡିଲ ସମ୍ପର୍କରେ ଏକ ଭଲ ଖବର ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ପାଇଁ ୧୧୪ଟି ଭାରତରେ ନିର୍ମିତ ରାଫେଲ ଲଢୁଆ ବିମାନକୁ ମଞ୍ଜୁରୀ ଦେଇଛି। ଭାରତରେ ନିର୍ମିତ ହେବାକୁ ଥିବା ଫରାସୀ ଲଢୁଆ ବିମାନ ପାଇଁ ଏହି ଡିଲର ମୋଟ ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ହେବ। ଏହା ବିଶ୍ୱର ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି ମଧ୍ୟରୁ ଅନ୍ୟତମ ହେବ। ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଡିଲ ପାଇଁ ଅନୁମୋଦନ ଦିଆଯାଇଛି। ଗତ ମାସରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା କ୍ରୟ ବୋର୍ଡ ବାୟୁସେନାର ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ଯେକୌଣସି ପ୍ରତିରକ୍ଷା ଚୁକ୍ତିରେ ପ୍ରଥମ ପଦକ୍ଷେପ। ଡିଏସି ପରେ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥ ମନ୍ତ୍ରଣାଳୟ ଏବଂ ସୁରକ୍ଷା କ୍ୟାବିନେଟ କମିଟି (ସିସିଏସ୍)କୁ ଯିବ। ଏହି ୧୧୪ଟି ରାଫାଲ ଲଢୁଆ ବିମାନ ମଧ୍ୟରୁ ୧୬ଟି ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରିବ ବୋଲି ସମ୍ଭାବନା ରହିଛି। ଏହି ୧୧୪ଟି ରାଫାଲ ଲଢୁଆ ବିମାନ ବାୟୁସେନାର ୫-୬ଟି ସ୍କ୍ୱାଡ୍ରନକୁ ସମର୍ଥନ କରିପାରିବ। ଭାରତୀୟ ବାୟୁସେନାର ଏକ ସ୍କ୍ୱାଡ୍ରନରେ ୧୮-୨୦ଟି ଲଢୁଆ ବିମାନ ରହିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭାରତ ଗସ୍ତ ପୂର୍ବରୁ ଏହି ଚୁକ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପୂର୍ବ ଦୁଇଟି ରାଫାଲ ଲଢୁଆ ବିମାନ ଚୁକ୍ତି ପରି, ଏହା ଏକ ଜି୨ଜି (ସରକାର-ସରକାର) ଚୁକ୍ତି ହେବ। ୨୦୧୬ରେ, ଭାରତ ପ୍ରାୟ ୫୯,୦୦୦ କୋଟି ମୂଲ୍ୟରେ ସିଧାସଳଖ ଫ୍ରାନ୍ସରୁ ୩୬ଟି ରାଫେଲ ଲଢୁଆ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। ଗତ ବର୍ଷ ଏପ୍ରିଲରେ ଭାରତ ନୌସେନା ପାଇଁ ରାଫେଲ ଲଢୁଆ ବିମାନର ସାମୁଦ୍ରିକ ସଂସ୍କରଣ, ରାଫେଲ (ଏମ୍) କ୍ରୟ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହି ରାଫେଲ (ଏମ୍) ଲଢୁଆ ବିମାନଗୁଡ଼ିକୁ ସ୍ୱଦେଶୀ ବିମାନ ବାହକ ଆଇଏନ୍‌ଏସ୍ ବିକ୍ରାନ୍ତରେ ନିୟୋଜିତ କରାଯିବ। ହ୍ରାସ ପାଉଥିବା ସ୍କ୍ୱାଡ୍ରନ ଆକାରର ଜବାବରେ, ଭାରତୀୟ ବାୟୁସେନା ଘରୋଇ ସ୍ତରରେ ୧୧୪ଟି ରାଫେଲ ଲଢୁଆ ବିମାନ ନିର୍ମାଣ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦାଖଲ କରିଥିଲା। ପୂର୍ବ ରାଫେଲ ଚୁକ୍ତି ପରି, ଏହି ଚୁକ୍ତି ମଧ୍ୟ ଏକ ଜି୨ଜି (ସରକାରରୁ ସରକାର ପର୍ଯ୍ୟନ୍ତ) ଚୁକ୍ତି ହେବ। ଏହି ଚୁକ୍ତି ପରେ, ରାଫେଲ ନିର୍ମାଣ କରୁଥିବା ଫରାସୀ କମ୍ପାନୀ ଡାସଲ୍ଟ, ଏକ ସ୍ୱଦେଶୀ କମ୍ପାନୀ ସହିତ ଭାରତରେ ଏକ ଉତ୍ପାଦନ କାରଖାନା ସ୍ଥାପନ କରିବ। ଭାରତରେ ଉତ୍ପାଦିତ ସ୍ୱଦେଶୀ ରାଫେଲ ଯୁଦ୍ଧ ବିମାନରେ ପ୍ରାୟ ୬୦% ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ରହିବ। ମେକ ଇନ ଇଣ୍ଡିଆ ପଦକ୍ଷେପ ଅଧୀନରେ ଫରାସୀ ଯୁଦ୍ଧ ବିମାନ ନିର୍ମାଣ କରିବାର ନିଷ୍ପତ୍ତି ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନ ବିରୋଧରେ ଭାରତୀୟ ବାୟୁସେନାର ବିଦ୍ୟମାନ ରାଫେଲ ଯୁଦ୍ଧ ବିମାନର କାର୍ଯ୍ୟକ୍ଷମ କ୍ଷମତାକୁ ଦୃଷ୍ଟିରେ ରଖି ନିଆଯାଇଥିଲା। ବାୟୁସେନାର ଉପାଧ୍ୟକ୍ଷ ଏୟାର ମାର୍ଶାଲ ନାଗେଶ କପୁର ରାଫେଲକୁ ଅପରେସନ ସିନ୍ଦୁରର ନାୟକ ବୋଲି କହିଥିଲେ। ସେ ବାୟୁସେନାରେ ଅଧିକ ସଂଖ୍ୟକ ରାଫେଲ ପାଇଁ ଆଶା ପ୍ରକାଶ କରିଥିଲେ। ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନା ପହଲଗାମ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ପାକିସ୍ତାନରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟକୁ ଧ୍ୱଂସ କରିବା ପାଇଁ ରାଫାଲ ଯୁଦ୍ଧ ବିମାନ ବ୍ୟବହାର କରିଥିଲା।

## ଛୁଟିରେ ରହିପାରିବେନି ସଚିବ

**ଭୁବନେଶ୍ୱର :** ରାଜ୍ୟକୁ ଉନ୍ନତ କରିବାକୁ ହେବ ଓ ସରକାରୀ କାର୍ଯ୍ୟରେ ଯେଭଳି ବାଧା ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସବୁ ବିଭାଗର ସଚିବଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମାକୁ ନେଇ ସବୁ ବିଭାଗ ସଚିବଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଆଗକୁ ବିଧାନସଭାର ବଜେଟ ଅଧିବେଶନ ରହିଛି। ଏହି ସମୟରେ କୌଣସି ସଚିବ ଛୁଟିରେ ରହିପାରିବେ ନାହିଁ। ଯଦି କୌଣସି ଜରୁରୀ କାର୍ଯ୍ୟ ପଡ଼େ ତେବେ ମୁଖ୍ୟ ସଚିବଙ୍କଠାରୁ ପୂର୍ବ ଅନୁମୋଦନକ୍ରମେ ଛୁଟିରେ ଯାଇପାରିବେ। ସେହିପରି ବଜେଟ ସଂକ୍ରାନ୍ତୀୟ ଯଦି କୌଣସି ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥାଏ, ତାହାକୁ ତୁରନ୍ତ ଅବଗତ କରାଇଲେ ରାଜ୍ୟପାଳଙ୍କ ବଜେଟ ଅଭିଭାଷଣରେ ସ୍ଥାନ ଦିଆଯାଇପାରିବ। ତେବେ ଉକ୍ତ ତଥ୍ୟ ସରକାରଙ୍କ ପାଇଁ ସକାରାତ୍ମକ ଓ ବିକାଶମୁଖୀ ହୋଇଥିବା ଆବଶ୍ୟକ। ଏହାବାଦ୍ ବିଭାଗକୁ ଯଦି କେହି ଡେଲିଗେଟ୍ସ ଆସିବାର ସମ୍ଭାବନା ରହିଛି, ତେବେ ତାହା ପୂର୍ବରୁ ଜଣାଇବା ଆବଶ୍ୟକ। ବଜେଟ ଅଧିବେଶନ ପାଇଁ ତାହାକୁ ଠିକଣା ଭାବେ ସୂଚୀ ପ୍ରସ୍ତୁତ କରିବା ଲାଗି ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିବା ନନ୍ଦଙ୍କ ବିବରଣୀରୁ ଜଣାପଡ଼ିଛି।

### ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# '୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ପାଣି ଯୋଗାଣ'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା



ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି। ବୈଠକରୁ ଆହୁରି ମଧ୍ୟ ଜଣାଯାଇଛି ଯେ, ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିଭଳି, ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ, ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ ସୁଦ୍ଧା କନିଷ୍ଠ ଶିକ୍ଷକଙ୍କ ସିସିଆର୍ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର :** ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩ ହଜାର ୩୮୭ ଜଣ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି। ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଚୂଡ଼ାନ୍ତ ପଦୋନ୍ନତି ତାଲିକାକୁ ନେଇ ସେମାନଙ୍କର ପରଫରମାନ୍ସ ଆପ୍ରେଜାଲ ରିପୋର୍ଟ (ପାର), ସମ୍ପତ୍ତି ବିବରଣୀ, ଭିଜିଲାନ୍ସ ଏବଂ ଆପରାଧିକ ମାମଲା ସମ୍ବନ୍ଧୀୟ କ୍ଲିୟରାନ୍ସ ସାର୍ଟିଫିକେଟ ଦାଖଲ କରିବା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମସ୍ତ ଜିଲାର ଡିଇଓମାନେ ଶିକ୍ଷକମାନଙ୍କ ସମସ୍ତ ଡକ୍ୟୁମେଣ୍ଟ ସହ ଚରିତ୍ର ପଞ୍ଜିକା ପ୍ରମାଣପତ୍ର (ସିସିଆର) ଆସନ୍ତା ୨୩ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ଏ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତେବେ ଶିକ୍ଷକମାନେ ସମସ୍ତ ଡକ୍ୟୁମେଣ୍ଟ ଦାଖଲ କରି ନ ଥିବାରୁ ନିର୍ଦ୍ଦେଶାଳୟକୁ ପୁଣି ଚିଠି ଲେଖିବାକୁ ପଡ଼ିଛି। ଶିକ୍ଷକମାନ ଡିଇଓଙ୍କ ଦ୍ୱାରା କାଉଣ୍ଟର ସାଇନ କରାଇବେ। ୨୦୨୩-୨୪ ଓ ୨୦୨୪-୨୫ ବର୍ଷର ପରଫରମାନ୍ସ ଆପ୍ରେଜାଲ ରିପୋର୍ଟ (ପାର) ଦାଖଲ କରିବେ। ଏଥିସହ ୨୦୨୫ ବର୍ଷର ସମ୍ପତ୍ତି ବିବରଣୀର ସମସ୍ତ ନକଲ ଏବଂ ଶିକ୍ଷକଙ୍କ ବିରୋଧରେ କୌଣସି ଭିଜିଲାନ୍ସ କିମ୍ବା ଆପରାଧିକ ମାମଲା ନ ଥିବା ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଡିଇଓଙ୍କଠାରୁ ସେସବୁ ଡକ୍ୟୁମେଣ୍ଟ ଆସିବା ପରେ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଏସ୍‌ଆଇଆର ମ୍ୟାପିଂ ନକଲେ କଟିବ ନାଁ

**ଭୁବନେଶ୍ୱର :** ଏସ୍‌ଆଇଆର ନେଇ ମ୍ୟାପିଂ ବଡ଼ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଏସ୍‌ଆଇଆର ମ୍ୟାପିଂ ନ କଲେ ଭୋଟର ତାଲିକାରୁ ନାଁ କଟିଯିବ। ଏଥିପାଇଁ ଭୋଟର ନିଜେ ଘରେ ବସି ମ୍ୟାପିଂ କରିପାରିବେ। ଆବଶ୍ୟକ ପ୍ରମାଣ ଦେଇ ଏସ୍‌ଆଇଆର ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଓଡ଼ିଶାରେ ସ୍ପେଶାଲ ଇନଟେନସିଭ ରିଭିଜନ୍- ଏସ୍‌ଆଇଆର କେବେଠାରୁ ଆରମ୍ଭ ହେବ ତା'ର ତାରିଖ ଘୋଷଣା ହୋଇନାହିଁ। କେନ୍ଦ୍ରୀୟ ନିର୍ବାଚନ ଆୟୋଗ ଏ ସଂପର୍କରେ ତାରିଖ ଘୋଷଣା କରିବେ। କିନ୍ତୁ ଏହାର ବହୁ ପୂର୍ବରୁ ଆରମ୍ଭ ହୋଇସାରିଛି ଏସ୍‌ଆଇଆର ମ୍ୟାପିଂ ପ୍ରକ୍ରିୟା। ରାଜ୍ୟରେ ଶେଷଥର ପାଇଁ ୨୦୦୨ରେ ଏସ୍‌ଆଇଆର ହୋଇଥିଲା। ସେହି ତାଲିକାକୁ ୨୦୨୫ରେ ହୋଇଥିବା ଚୂଡ଼ାନ୍ତ ଭୋଟର ତାଲିକା ସହ ମେଳ କରାଯାଉଛି। ୨୦୦୨ରେ ଯେଉଁମାନଙ୍କର ନାଁ ଏସ୍‌ଆଇଆର ତାଲିକାରେ ଥିଲା ସେମାନେ ଆପେ ଆପେ ନୂଆ ଏସ୍‌ଆଇଆର ତାଲିକାରେ ସ୍ଥାନ ପାଇବେ। ଏପରିକି ବାପା, ଜେଜେବାପା କିମ୍ବା ଅନ୍ୟ ବରିଷ୍ଠ ସଂପର୍କୀୟଙ୍କ ନାଁ ଥିଲେ ଓ ସେମାନଙ୍କ ପରବର୍ତ୍ତୀ ପିଢ଼ିଙ୍କ ନାଁ ଭୋଟର ତାଲିକାରେ ନଥିଲେ ବି ବୁଥସ୍ତରୀୟ ଅଧିକାରୀ ବା ବିଏଲ୍‌ଓଙ୍କ ନିକଟରେ ନିଜର ନାଁକୁ ଚଢ଼ାଇ ପାରିବେ। ରାଜ୍ୟରେ ଦୀର୍ଘ ୫ ମାସ ଧରି ଏହି ଏସ୍‌ଆଇଆର ମ୍ୟାପିଂ ପ୍ରକ୍ରିୟା ଜାରି ରହିଥିବା ବେଳେ ଏବେ ବିଭିନ୍ନ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଭୋଟର ନିଜେ ଘରେ ବସି ମଧ୍ୟ କିପରି ୫ଓଜ ମ୍ୟାପିଂ କରିପାରିବେ ସେନେଇ କେତେକ ସହଜ ଉପାୟ ସଂପର୍କରେ ସୂଚନା ଦିଆଯାଇଛି। ୨୦୦୨



ଭୋଟର ତାଲିକା ବା ଏସ୍‌ଆଇଆର ମ୍ୟାପିଂ ତାଲିକାରୁ ନିଜ ନାଁକୁ ଯାଞ୍ଚ କରି ପରବର୍ତ୍ତୀ ଏସ୍‌ଆଇଆରରେ ନିଜକୁ ସାମିଲ କରିବା ପାଇଁ ଏହି ସରଳ ପ୍ରକ୍ରିୟା ବାବଦରେ ଦିଆଯାଇଛି ସୂଚନା। ସେପଟେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ ବା ଏସ୍‌ଆଇଆର ଅନ୍ତର୍ଗତ ଓଡ଼ିଶାରେ କଟିପାରନ୍ତି ୧୭ ଲକ୍ଷ ଭୋଟର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଭୋଟରଙ୍କର ମ୍ୟାପିଂ ଶେଷ ହେଲାଣି। ରାଜ୍ୟର ପ୍ରାୟ ୯୫ ପ୍ରତିଶତ ଭୋଟର ଏସ୍‌ଆଇଆରରେ ଯୋଗ୍ୟ ବିବେଚିତ ହେବାର ସମ୍ଭାବନା ରହିଛି। ବାକି ଯେଉଁ ୫ ପ୍ରତିଶତ ରହିଲେ ସେମାନଙ୍କୁ ଭୋଟର ଲିଷ୍ଟରେ ନିଜ ନାମ ରଖିବା ପାଇଁ ଆବଶ୍ୟକ ପ୍ରମାଣପତ୍ର ଦେବାକୁ ପଡ଼ିବ। ଯଦି ପ୍ରମାଣପତ୍ର ଦେଇନପାରିଲେ ସେମାନଙ୍କ ନାଁ ଭୋଟର ତାଲିକାରୁ କାଟି ଦିଆଯିବ। ଯାହର ସଂଖ୍ୟା ପ୍ରାୟ ୧୭ ଲକ୍ଷ ବୋଲି କହିଥିଲେ ମୁଖ୍ୟ ନିର୍ବାଚନ ଅଧିକାରୀ। ତେଣୁ କିଭଳି ଆପଣଙ୍କ ନାଁ ଭୋଟର ତାଲିକାରୁ ନ କଟିବ, ସେଥିପାଇଁ ବୁଥସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ କୁହାଯାଇଛି। ଏସ୍‌ଆଇଆର ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଥିବା ନିର୍ବାଚନ କମିଶନ କେବେ ତାରିଖ ଘୋଷଣା କରିବେ ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## ଓଡ଼ିଶାରେ ରେକର୍ଡ ସଂଖ୍ୟକ ଡଲଫିନ

ଭୁବନେଶ୍ୱର : ଗତ ୫ ବର୍ଷରେ ପ୍ରଥମଥର ପାଇଁ ଓଡ଼ିଶାରେ ସର୍ବାଧିକ ଡଲଫିନ ଦେଖିବକୁ ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଡଲଫିନ ଗଣନାରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଓଡ଼ିଶା ଉପକୂଳ ଏବଂ ଚିଲିକା ହ୍ରଦରେ ମୋଟ ୭୬୫ଟି ଡଲଫିନ ଓ ଅନ୍ୟାନ୍ୟ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ରହିଛନ୍ତି। ସରକାରଙ୍କ ବ୍ୟାପକ ସଂରକ୍ଷଣ ନୀତି, ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଏହି ସଂଖ୍ୟା ବୃଦ୍ଧି ପାଇଛି। ଏହି ସର୍ଭେ ଅନୁଯାୟୀ ରାଜ୍ୟରେ ୬ଟି ଭିନ୍ନ ପ୍ରଜାତିର ଡଲଫିନ ଓ ହ୍ୱେଲ୍ ଦେଖିବାକୁ ମିଳିଛି। ଏଥିରେ ହମ୍ପବ୍ୟାକ୍ ଡଲଫିନ ସର୍ବାଧିକ



୪୯୭, ଇରାୱାଡି ଡଲଫିନ ୨୦୮, ବୋଟଲ୍-ନୋଜ୍ ଡଲଫିନ ୫୫, ସ୍ପିନର ଡଲଫିନ ୩ ଏବଂ ଫିନଲେସ୍ ପରପୋଇଜ୍ ୨ ରହିଛନ୍ତି। ଏସିଆର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା ଏବେ ମଧ୍ୟ ଇରାୱାଡି ଡଲଫିନଙ୍କ ପାଇଁ ସବୁଠାରୁ ନିରାପଦ ସ୍ଥାନ ହୋଇ ରହିଛି। ଏଠାରେ ମୋଟ ୧୫୯ଟି ଇରାୱାଡି ଡଲଫିନ ଚିହ୍ନଟ ହୋଇଛନ୍ତି। ବାସସ୍ଥଳୀର ସୁପରିଚାଳନା ଯୋଗୁଁ ଚିଲିକା ବିଶ୍ୱସ୍ତରରେ ଏକ ସଫଳ ସଂରକ୍ଷଣ ମଡେଲ ଭାବେ ଉଭା ହୋଇଛି। ସେହିଭଳି କେନ୍ଦ୍ରାପଡ଼ା ଜିଲା ସ୍ଥିତ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରେ ସର୍ବାଧିକ ୪୭୪ଟି ହମ୍ପବ୍ୟାକ୍ ଡଲଫିନ ଦେଖିବାକୁ ମିଳିଛି। ଚିଲିକା ଓ ଗହିରମଥା ବ୍ୟତୀତ ବାଲେଶ୍ୱର (୧୫), ବ୍ରହ୍ମପୁର (୧୩) ଏବଂ ପୁରୀ (୧୨) ଉପକୂଳ ଅଞ୍ଚଳରେ ମଧ୍ୟ ଇରାୱାଡି ଡଲଫିନଙ୍କ ଉପସ୍ଥିତି ରେକର୍ଡ କରାଯାଇଛି, ଯାହା ସେମାନଙ୍କର ବଂଶ ବିସ୍ତାର ଓ ନୂଆ ସ୍ଥାନକୁ ସ୍ଥାନାନ୍ତରଣର ସୂଚନା ଦେଉଛି।

## କଟକରେ ଲେଜର ଲାଇଟ୍ ବ୍ୟାନ

**କଟକ :** ବଢୁଥିବା ଶବ୍ଦ ଓ ଆଲୋକ ପ୍ରଦୂଷଣକୁ ରୋକିବା ପାଇଁ ଓଡ଼ିଶା ହାଇକୋର୍ଟ ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଲେଜର ଲାଇଟ୍ ଏବଂ ବିକଟାଳ ଶବ୍ଦ କରୁଥିବା ଡିଜେ ବ୍ୟବହାର ଉପରେ ଗୁରୁତ୍ୱପୂର୍ଣ୍ଣ କଟକଣା ଲଗାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଟକ ସହରାଞ୍ଚଳରେ ଲେଜର ଲାଇଟ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବିକଟାଳ ଶବ୍ଦଯୁକ୍ତ ଡିଜେ ବ୍ୟବହାର କରାଯାଇପାରିବ ନାହିଁ। ଡିଜେର ଶବ୍ଦ ସୀମା ସର୍ବାଧିକ ୬୫ ଡେସିବେଲ ମଧ୍ୟରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାତି ୧୦ଟା ପରେ କୌଣସି ପ୍ରକାରର ରୋଷଣୀ କିମ୍ବା ବାଦ୍ୟଯନ୍ତ୍ର ବଜାଇବା ଉପରେ କଟକଣା ଲଗାଯାଇଛି। ଶୁଣାଣି ସମୟରେ କୋର୍ଟ ଉଦବେଗ ପ୍ରକାଶ କରି କହିଛନ୍ତି ଯେ, ସହରରେ ଅତ୍ୟଧିକ ଲେଜର ଲାଇଟ୍ ଏବଂ ଉଚ୍ଚଶବ୍ଦ ବିଶିଷ୍ଟ ଡିଜେ ବ୍ୟବହାର ଯୋଗୁଁ ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ବିଶେଷ କରି ଏହା ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ, ଏହି ସମ୍ବନ୍ଧରେ ପୋଲିସ କି କି ପଦକ୍ଷେପ ଗ୍ରହଣ କରିଛି, ତାହାର ଏକ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### କଳିଙ୍ଗ ଷ୍ଟାଡିୟମରେ ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ହେବ ଅଧିକ ସୁଦୃଢ଼

**ଭୁବନେଶ୍ୱର :** ଆମ୍ବୁଲାନ୍‌ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ, କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ



ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍‌ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ ?ସର ସେବା ଯୋଗାଇଦିଆଯିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍‌ସଡ ଲାଇଫ୍ ସପୋର୍ଟ ବା (ଏଏଲ୍‌ଏସ୍) ଆମ୍ବୁଲାନ୍‌ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍‌ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

## 'ରତ୍ନଭଣ୍ଡାର ଗଣତି ମଣତି ୩ ମାସ ମଧ୍ୟରେ ସାର'

**କଟକ :** ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ନେଇ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ବିଧାନସଭା ଅଧିବେଶନରେ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩ ମାସ ମଧ୍ୟରେ ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସୂଚନାଥାଉ କି, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ ଦେଇଥିଲା। ୨୦୧୮ ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ଏକ କମିଶନ ମଧ୍ୟ ଗଠନ କରାଯାଇଥିଲା। ତେବେ ପରବର୍ତ୍ତି ସମୟରେ ରତ୍ନଭଣ୍ଡାରରେ ପାଣି ଜମିବା ପ୍ରସଙ୍ଗ ଉଠିଥିଲା। ତେବେ ଏହି ପ୍ରସଙ୍ଗରେ ହାଇକୋର୍ଟ ଅନେକ ବାର ନିର୍ଦ୍ଦେଶ ଦେଇଥିଲେ। ତେବେ ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା। ତେବେ ଏହି କାର୍ଯ୍ୟ ଶେଷ ହେବା ପରେ ଗଣତିମଣତି ସାରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତର ମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏନ୍‌ଏଚ୍‌ଏମ୍‌ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୫ ବର୍ଷରୁ କମ ସମୟ ଅବଧି ପାଇଁ ସେବାରତ ଆୟୁଷ ଡାକ୍ତର ମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତର ମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବ ବେଳେ, ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତର ମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।


### ୪୧୧୧ କୋଟିର ୨୩ ପ୍ରକଳ୍ପରେ ମୋହର

# ସୃଷ୍ଟି ହେବ ୧୦ ହଜାର ନୂଆ ନିଯୁକ୍ତି

**ଭୁବନେଶ୍ୱର :** ଗଞ୍ଜାମରେ ତିଆରି କରାଯିବ ଅତ୍ୟାଧୁନିକ କାର୍ଯ୍ୟଦକ୍ଷତା ବିଶିଷ୍ଟ ଡ୍ରୋନ୍। ଏଥିପାଇଁ ଇନଭେଷ୍ଟ ଗ୍ରିଡ୍ ଇଣ୍ଡିଆ ପକ୍ଷରୁ ୩୦୦ କୋଟି ଟଙ୍କା ନିବେଶରେ ଏକ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷର ୧୪୪ତମ ବୈଠକରେ ଏହି ପ୍ରକଳ୍ପ ସମେତ ୪୧୧୧.୮୦ କୋଟି ଟଙ୍କା ନିବେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ୨୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୧୦ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ କରାଯିବ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକରେ ନର୍ଦନଏକ୍ସପ୍ରେସ୍ ଇନ୍‌ଫ୍ରାଡେଭେଲପର୍ସ ପକ୍ଷରୁ



୩୩୯.୪୦ କୋଟି ଟଙ୍କା ନିବେଶରେ ଏକ ଜାହାଜ ନିର୍ମାଣ ଓ ମରାମତି କାରଖାନା ସ୍ଥାପନ କରାଯିବ। ଖୋର୍ଦ୍ଧାରେ ନିଫା ଲିମିଟେଡ୍ ୩୮୪ କୋଟି ଟଙ୍କା ନିବେଶରେ ଏକ ରେଳ ଉପକରଣ ନିର୍ମାଣ କାରଖାନା କରିବ। ଜେ ଜି ହୋସିଏରି ୧୦୦ କୋଟି ଟଙ୍କା ନିବେଶରେ ଏକ ପୋଷାକ କାରଖାନା ଓ ଆଲଭେଣ୍ଟା ଫାର୍ମା ୧୦୦ କୋଟି ଟଙ୍କା ନିବେଶରେ ଏକ ଔଷଧ କାରଖାନା ବସାଇବେ। ଖଣିଜ ଓ ଧାତବ କ୍ଷେତ୍ରରେ କଳିଙ୍ଗ ମେଟାଲିକ୍ସ ପକ୍ଷରୁ ସୁନ୍ଦରଗଡ଼ରେ ୬୦୦ କୋଟି ଟଙ୍କା ନିବେଶରେ ଏକ ଲୁହାପଥର ବିନିଫିକେସନ ପ୍ରକଳ୍ପ ସ୍ଥାପନ କରାଯିବ। ଶ୍ରୀରାମ ଆଇରନ ଆଣ୍ଡ୍ ଆଲୟଜ୍ ତରଫରୁ ଦେବଗଡ଼ରେ ୨୫୦ କୋଟି ଟଙ୍କା ନିବେଶରେ ଏକ ପେଲେଟ୍ କାରଖାନା ନିର୍ମାଣ କରାଯିବ। ସୁନ୍ଦରଗଡ଼ରେ ଇଷ୍ଟସାଇଡ୍ ଶୁଭ ଷ୍ଟିଲ୍ ୬୦.୦୫ କୋଟି ଟଙ୍କା, ଆର୍ଯ୍ୟଜ୍ ଓର୍ ରିଫାଇନାରି ୫୧ କୋଟି ଟଙ୍କା ଓ ରଶ୍ମି ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରି ତରଫରୁ ୩୫୦ କୋଟି ଟଙ୍କା ନିବେଶ କରାଯିବ। ଆଜିର ବୈଠକରେ ୪ଟି ତାରକା ହୋଟେଲ୍ ପ୍ରକଳ୍ପକୁ ମଧ୍ୟ ମଞ୍ଜୁର କରାଯାଇଥିଲା। ଏମ୍‌କେ ଆସେଟ୍ସ ପକ୍ଷରୁ ଖୋର୍ଦ୍ଧାରେ ୨୧୦ କୋଟି ଟଙ୍କା ନିବେଶରେ ଏକ ପଞ୍ଚତାରକା ହୋଟେଲ୍ ନିର୍ମାଣ କରାଯିବ। ସେହିପରି, ପୁରୀରେ ମଞ୍ଜିରା ହୋଟେଲ୍ସ ଆଣ୍ଡ୍ ରିସୋର୍ଟସ୍ ୨୦୦ କୋଟି ଟଙ୍କାରେ ଏକ ପଞ୍ଚତାରକା ହୋଟେଲ୍ ଏବଂ ପଣ୍ଡା ରିସୋର୍ଟସ୍ ଲିମିଟେଡ୍ ୭୦ କୋଟି ଟଙ୍କାରେ ଏକ ଚାରି-ତାରକା ହୋଟେଲ୍ ନିର୍ମାଣ କରିବେ। ଶଙ୍କରୀଦେବୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ସମ୍ବଲପୁରରେ ୬୪.୧୦ କୋଟି ଟଙ୍କା ନିବେଶରେ ଏକ ଚାରି-ତାରକା ହୋଟେଲ୍ ନିର୍ମାଣ କରାଯିବ। କଟକରେ ବ୍ଲୁ ମାଉଣ୍ଟ ଏନର୍ଜି ୧୦୦ କୋଟି ଟଙ୍କା ନିବେଶରେ ଏକ ଔଷଧ କାରଖାନା ନିର୍ମାଣ କରିବ। ସୁନ୍ଦରଗଡ଼ରେ ସର୍ବେଶ ରିଫ୍ରାକ୍ଟରିଜ୍ ୬୨ କୋଟି ଟଙ୍କା ନିବେଶରେ ଏହାର ରିଫ୍ରାକ୍ଟରି କାରଖାନାର ସମ୍ପ୍ରସାରଣ କରିବ। ଯାଜପୁରରେ ଝାଡ଼ଖଣ୍ଡ ଗ୍ରାଇଣ୍ଡ୍ କେମ୍ ତରଫରୁ ୬୭.୧୫ କୋଟି ଟଙ୍କା ନିବେଶରେ ଏକ ନୂଆ ରିଫ୍ରାକ୍ଟରି ପ୍ରକଳ୍ପ ସ୍ଥାପନ କରାଯିବ। ରାମ୍‌କୋ ଆଲୁମିନିନେଟ୍ କୋରାପୁଟରେ ୫୪.୫୦ କୋଟି ଟଙ୍କା ନିବେଶରେ ଏକ ଆଲୁମିନା ଆଧାରିତ ରିଫ୍ରାକ୍ଟରି ପ୍ରକଳ୍ପ ବସାଇବ। ସେହିପରି, ବାଲେଶ୍ୱରରେ ଯଶ୍ ଫ୍ଲେକ୍ସି ପ୍ୟାକ୍ ତରଫରୁ ୫୧ କୋଟି ଟଙ୍କା ନିବେଶରେ ଏକ ପ୍ୟାକେଜିଂ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରୋଇଂ ଟ୍ରି ଅଏଲ୍ ପକ୍ଷରୁ କଟକରେ ୧୦୦ କୋଟି ଟଙ୍କା ନିବେଶରେ ଏକ ଖାଇବା ତେଲ କାରଖାନା, ଜେବିଏସ୍‌ଏସ୍ ଗ୍ଲାସ୍ ତରଫରୁ ୫୦.୮୫ କୋଟି ଟଙ୍କା ନିବେଶରେ ଏକ କାଚ ତିଆରି କାରଖାନା ନିର୍ମାଣ କରାଯିବ। ଶ୍ରିଷ୍ଟି ଟ୍ରେଡିଂ କର୍ପୋରେସନ ୧୬୦.୭୫ କୋଟି ଟଙ୍କା ନିବେଶରେ ଏକ ଲଜିଷ୍ଟିକ୍ ପାର୍କ ଓ ଗୋଦାମ ଘର ନିର୍ମାଣ କରିବ। ଗଞ୍ଜାମରେ ୱାଟର ଟେକ୍ ଇଣ୍ଡିଆ ୩୮୭ କୋଟି ଟଙ୍କା ନିବେଶରେ ଏକ ପ୍ଲାଷ୍ଟିକ ଉତ୍ପାଦ କାରଖାନା ବସାଇବ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ ଫେବୃଆରୀ - ୨୨ ଫେବୃଆରୀ, ୨୦୨୬

# ବଦଳି ଯାଉଛି ସମୟ

ସମ୍ପାଦକୀୟ
ତାରକ ମହାନ୍ତି



ଶତାୟୁ ହେବାର ଭାଗ୍ୟ ସମସ୍ତଙ୍କର ନଥାଏ। ତେଣୁ ଶତାୟୁ ମଣିଷ ଈଶ୍ୱରଙ୍କ ବରଦାନ ସଦୃଶ। ଏଥିପାଇଁ ନିଜର ଜୀବନଶୈଳୀ ହିଁ ଅସଲ କାରଣ ବୋଲି ଜଣାପଡେ। ଆଜିକାଲିର ଭେଜାଲ ଯୁଗରେ ସୁସ୍ଥ ଶରୀର ନେଇ ବଞ୍ଚିବା ଅତ୍ୟନ୍ତ କଷ୍ଟସାଧ୍ୟ କଥା। ଏବେ ଆମେ ଯାହା ବି ଖାଉଛେ ସେଥିରେ ଶତ ପ୍ରତିଶତ ଶୁଦ୍ଧତା ନଥିବା କାରଣରୁ ଅନେକ ନୂଆ ନୂଆ ରୋଗର ଶିକାର ହେଉଛନ୍ତି। ଯାହାଫଳରେ ଲୋକ ଦୀର୍ଘାୟୁ ହେବା ବଦଳରେ ଅଳ୍ପାୟୁ ହୋଇ ମୃତ୍ୟୁ ମୁଖରେ ପଡ଼ିବାକୁ ବାଧ ହେଉଛନ୍ତି। ପନିପରିବା ହେଉ କି ଫଳ ମୂଳ ସବୁଥିରେ ରାସାୟନିକ ପଦାର୍ଥ ବ୍ୟବହାର ଏତେମାତ୍ରାରେ ବଢିଚାଲିଛି ଯେ ନିର୍ଭେଜାଲ ପଦାର୍ଥ ପାଇବା ଆଉ ସମ୍ଭବ ହେଉନାହିଁ। ଜୈବିକ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଥିଲେ ବି ଏଥିରେ ସେତେ ଅଧିକ ସଫଳତା ମିଳିପାରିନାହିଁ। ସବୁରି ମୂଳରେ ଆଗ ଅପେକ୍ଷା ଲୋକମାନେ ଅଧିକ ଲୋଭି ଏବଂ ଲାଭଖୋର ମନୋବୃତ୍ତି କାରଣରୁ ଏସବୁ ଘଟି ଚାଲିଛି। ପୂର୍ବପେକ୍ଷା ଲୋକମାନେ ଅଧିକରୁ ଅଧିକ ସ୍ୱାର୍ଥପର ହୋଇ ଚାଲିଛନ୍ତି। ଧନୀ ହେବାର ନିଶା ଏତେ ବଢ଼ିଛି ଯେ ମାନବିକତା ଓ ମୂଲ୍ୟବୋଧ ହାର ମାନୁଛି। ପ୍ରତ୍ୟେକଦିନ ଲକ୍ଷ୍ୟ କରନ୍ତୁ ବୁଝିଯିବେ ଯେ ଦୁର୍ନୀତି ନିବାରଣ ବିଭାଗ ଜାଲରେ କେହି ନା କେହି ପଡୁଛନ୍ତି। ସରକାରୀ ଚାକିରୀ ପାଇବାର ଅଳ୍ପ କେଇବର୍ଷ ମଧ୍ୟରେ ଜଣେ ଜଣେ କିଭଳି କୁବେର ପାଲଟି ଯାଉଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଆଜିକାଲି ଲାଞ୍ଚ କାରବାର ଚାଲିବା ଦ୍ୱାରା ଦୁର୍ନୀତିର ମାତ୍ରା ବଢ଼ି ଚାଲିଛି। କୌଣସି କାର୍ଯ୍ୟ ବିନା ଲାଞ୍ଚରେ ଚାଲୁନାହିଁ। ଯେଉଁ ଦପ୍ତରକୁ ଗଲେ ପ୍ରଥମେ ଲାଞ୍ଚ ପରେ ଫାଇଲ ଚାଷ। ଲୋକଙ୍କ ରକ୍ତରେ ଏବେ କେବଳ ଦୁର୍ନୀତିର ଧାର ବହୁଛି। କେହି କେବେ ଅପରର ସମସ୍ୟା ବୁଝି ଏହାର ସମାଧାନ କରୁନାହାନ୍ତି। ରୋଗ ଯେପରି ଶରୀରକୁ ନଷ୍ଟ କରିଥାଏ ଦୁର୍ନୀତି ବି ରୋଗ ପରି ସମାଜକୁ ନଷ୍ଟ କରେ। ବ୍ୟବସ୍ଥା ବିଗିଡି ଯାଏ। ଏଥିରେ ପ୍ରଗତି ବାଧାପ୍ରାପ୍ତ ହୋଇଥାଏ। ଏତେ କଟକଣା ସତ୍ତ୍ୱେ ଲାଞ୍ଚଖିଆଙ୍କ ସଂଖ୍ୟା କମିବା ପରିବର୍ତ୍ତେ ଅଧିକ ହେବା ଚିନ୍ତାର କାରଣ ପାଲଟିଛି। ସୌଖିନ ଜୀବନ ଯାପନ ପାଇଁ ମଣିଷ ଦାମୀ ଜିନିଷ କିଣିବାରେ ଲାଗିପଡିଛନ୍ତି। ଏଥିରେ କାହାର କ୍ଷତି ତାହା ସେମାନେ ଚିନ୍ତା କରୁନଥିବା କାରଣରୁ ଦୁର୍ନୀତି ଏବେ ପାହାଡ଼ ପରି ଆକାଶ ଛୁଇଁବାକୁ ବସିଲାଣି। ଯେତେଦିନ ପର୍ଯ୍ୟନ୍ତ ଦୁର୍ନୀତି ରହିବ ସେଥିରେ ନିର୍ଦ୍ଦିଷ୍ଟ ବର୍ଗ କୋଟିପତି ହେବେ ସିନା ଶୋଷିତମାନେ ଅଡୁଆରେ ପଡିବେ। ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ଅଛନ୍ତି ସେମାନେ ନିଜକୁ ବିତ୍ତଶାଳୀ କରୁଥିଲେ ସୁଦ୍ଧା ସମାଜ ପାଇଁ ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ଏଥିରେ ନୀତି ଓ ନୈତିକତାର ହନନ ହେବ। ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ଆଜିକାଲିର ମଣିଷ ସ୍ୱାର୍ଥପର ଏବଂ ଅପରାଧମନସ୍କ ହୋଇପଡିବା ଖୁବ ଚିନ୍ତାଜନକ। ବିପୁଳ ସମ୍ପତ୍ତିର ଅଧିକାରୀ ହେବା ପାଇଁ ଯେକୌଣସି ଉପାୟ ଅବଲମ୍ବନ କରୁଛି ମଣିଷ। ଏଥିରେ ଅନ୍ୟ ଲୋକର କେତେ କ୍ଷତି ସାଧନ ହେଉଛି ସେ ଦିଗ ପ୍ରତି ଦୁର୍ନୀତିଖୋର ଧ୍ୟାନ ଦିଅନ୍ତି ନାହିଁ। ଘରେ ଘରେ ଏଭଳି ପରିସ୍ଥିତି ସୃଷ୍ଟି ହେଲାଣି ଯେ କୌଣସି ମଣିଷ ଆଉ ଶାନ୍ତିରେ ରହୁଥିବା ଦେଖିବାକୁ ମିଳୁନାହିଁ। ହିଂସା ବିଦ୍ୱେଷ କାରଣରୁ ସବୁଠି ଅଶାନ୍ତିକର ବାତାବରଣ ଦେଖାଦେଇଛି। କାହାରି ପ୍ରତି କାହାର ଶ୍ରଦ୍ଧା ନାହିଁ କି ଭଲପାଇବା ନାହିଁ। ପରସ୍ପର ସମ୍ପର୍କ ଏବେ ସନ୍ଦେହର ପରିବେଶ ସୃଷ୍ଟି କରୁଛି। ଆକସ୍ମିକ ଭାବେ ସମାଜ ଏଭଳି ବଦଳି ଚାଲିଛି ଯାହା କେବେ ଆଗରୁ କେହି କଳ୍ପନା କରିନଥିଲେ।

# ଆମେରିକାର ଘେରାବନ୍ଦୀରୁ ମୁକ୍ତି ପାଇଁ ୟୁରୋପର ପ୍ରୟାସ



ସୌମେନ୍ଦ୍ର ଜେନା

ଆମେରିକାର ସୃଷ୍ଟି ୟୁରୋପର ଜନସଂଖ୍ୟାକୁ କେନ୍ଦ୍ରକରି ସତ। ଆମେରିକାକୁ ନିରନ୍ତର ସମର୍ଥନ ୟୁରୋପ କରିଆସିଛି ସତ। ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ କ୍ଷତିଗ୍ରସ୍ତ ୟୁରୋପର କାନ୍ଧରେ ବସିବା ଦିନଠାରୁ ଆଜିଯାଏଁ ଆମେରିକା ବିଶ୍ୱକୁ ନାଲିଆଖି ଦେଖାଇ ଆସିଛି। ୟୁରୋପକୁ ସୁରକ୍ଷା ଦେବାର ବିଶ୍ୱାସ ଦେଖାଇ ରୁଷିଆର ଭୟକୁ ସାମ୍ନାରେ ରଖି ରକ୍ତଶୋଷି ଆସିଛି। ଯେମତି ୟୁରୋପର ଶକ୍ତିଶାଳୀ ରାଷ୍ଟ୍ର ଜର୍ମାନୀର ସେନାସଂଖ୍ୟାରେ କଟକଣା, ଯୁଦ୍ଧାସ୍ତ୍ର ନିର୍ମାଣରେ କଟକଣା ଯୋଗୁ ଏକଦା ୫ଲକ୍ଷ ସେନାଥିବା ଜର୍ମାନୀର ସୈନ୍ୟଶକ୍ତି ବିଗତ ୭୫ବର୍ଷରେ ହ୍ରାସ ପାଇଁ ଏବେ ଦୁଇଲକ୍ଷରୁ କମ୍ ରହିଛି। ସେମିତି ବ୍ରିଟେନ ଏକଲକ୍ଷ ୮୪ହଜାର, ପୋଲାଣ୍ଡ ଦୁଇଲକ୍ଷ, ଫ୍ରାନ୍ସ ଦୁଇଲକ୍ଷ, ଇଟାଲୀ ଏକଲକ୍ଷ ୭୧ହଜାର, ଗ୍ରୀସ ୧ଲକ୍ଷ ୧୦ହଜାର ସେନାକୁ ନେଇ ରହିଛନ୍ତି। ଅନ୍ୟପକ୍ଷରେ ତୁର୍କୀର ସାଢେ ତିନିଲକ୍ଷ ସେନା ରହିଛନ୍ତି। ମୁନଷ୍ଟରଠାରେ ଆମେରିକା, ଡେନମାର୍କ, ନରୱେ, ସ୍ପେନ, ଇଟାଲୀ, ବ୍ରିଟେନ ସମେତ ଅନ୍ୟାନ୍ୟ ନାଟୋ ମେଣ୍ଟ ରାଷ୍ଟ୍ରର ସେନା ମୁତୟନ ଅଛନ୍ତି। ସେମିତି ଫ୍ରାନ୍ସର ଷ୍ଟ୍ରାସବର୍ଗଠାରେ ୟୁରୋକର୍ପସର ପ୍ରାୟ ଏକହଜାର ସେନା ଫ୍ରାନ୍ସ ଓ ଜର୍ମାନୀର ରହିଛନ୍ତି। ଆମେରିକା ସୁରକ୍ଷା ପ୍ରଦାନ ଆଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକରି ଢେର ଲାଭବାନ ହୋଇଛି। ସେମିତି ୟୁରୋପରୁ ଯଥେଷ୍ଟ ବାଣିଜ୍ୟିକ ଲାଭ ପାଇଆସୁଛି। ସେହିପରି ଟେକ୍ନୋଲୋଜୀ କ୍ଷେତ୍ରରେ ମଧ୍ୟ ଆମେରିକା ନିଜ ପ୍ରଭାବକୁ କାଏମ୍ ରଖିଛି। ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କ ପ୍ରଥମ ପାଳିର ଦାୟିତ୍ୱ କାଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ପ୍ରତିରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି କରିବାକୁ କହିଥିଲେ। ଏବେ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ରୁଷିଆର ଭୟ ଦେଖାଇ ୟୁରୋପୀୟ ରାଷ୍ଟ୍ରଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଲକ୍ଷ୍ୟରେ ଭୟଭୀତ କରିବାକୁ ଯାଇ ଗ୍ରୀନଲାଣ୍ଡକୁ ଦଖଲ କରିବା ଲାଗି ଘୋଷଣା କରିସାରିଛନ୍ତି। କହିବାକୁ ଗଲେ ୟୁରୋପକୁ ରୁଷିଆଠାରୁ ଦୂରେଇ ରଖିବା ଆଳରେ ଆମେରିକା ନିଜର ଆର୍ଥିକ ସ୍ୱାର୍ଥ ପୂରଣ କରିଆସିଛି। ସିରିଆ, ଇରାକ, ଆଫଗାନିସ୍ଥାନରେ ଯୁଦ୍ଧକରି ଆମେରିକା ଯେଉଁ ଅସ୍ଥିରତା ସୃଷ୍ଟି କଲା ତାର ଫଳସ୍ୱରୂପ ଜିହାଦି ଶରଣାର୍ଥିମାନଙ୍କୁ ୟୁରୋପରେ ଥଇଥାନ କରିବାକୁ ଚାପ ସୃଷ୍ଟିକଲା। ଫଳରେ ଲକ୍ଷଲକ୍ଷ ମୁସଲିମ ଲୋକେ ୟୁରୋପରେ ପ୍ରବେଶ କରି ଏବେ ଧ୍ୱଂସଲୀଳା ଚଳାଇଛନ୍ତି। ୟୁରୋପର ଆଇନଗତ ଦୁର୍ବଳତାର ସୁଯୋଗ ନେଇ ମୁସଲିମମାନେ ସେଠାରେ ନିଜର ଏଜେଣ୍ଡା ଚଳାଇବାକୁ ସଫଳ ହୋଇଛନ୍ତି। ନ୍ୟୁୟର୍କଠାରୁ ଲଣ୍ଡନ ପର୍ଯ୍ୟନ୍ତ ଜିହାଦିଙ୍କ ସମର୍ଥନକାରୀ ମୁସଲିମ ନେତା ମେୟର ହୋଇଛନ୍ତି, ଯାହା ଆଗାମୀ ଦିନରେ ୟୁରୋପକୁ କ୍ଷତିଗ୍ରସ୍ତ କରିବ। ତେଣୁ ଇସଲାମିକ ଜିହାଦର ବିରୁଦ୍ଧରେ ଦୀର୍ଘ ଦେଢ ହଜାର ବର୍ଷ ଧରି ଲଢୁଥିବା ଭାରତ ସହ ସଂପର୍କ ବୃଦ୍ଧିକରି ଟୋପିବାଜୀ ଷଡଯନ୍ତ୍ରର ବିରୋଧ କରିବାକୁ ୟୁରୋପର ନେତାମାନେ ଆଗେଇଛନ୍ତି। ଏହି କ୍ରମରେ ଇଟାଲୀର ଜର୍ଜିଆ, ମେଲୋନୀଙ୍କଠାରୁ ଆରମ୍ଭକରି ଜର୍ମାନୀ ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି। କାରଣ ଟ୍ରମ୍ପ ଆମେରିକାର ଦୋଷକୁ ଗ୍ରହଣ ନକରି ଏହି ମାମଲାରେ ୟୁରୋପର ନେତାମାନଙ୍କୁ ସମାଲୋଚନା କରି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ୟୁରୋପକୁ ଦୀର୍ଘଦିନ ଧରି ହାତବାରିସୀ କଲାପରେ ଟ୍ରମ୍ପ ଏବେ ୟୁରୋପକୁ ନିଜ ଆଙ୍ଗୁଠିରେ ନଚେଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ସିଧାସଳଖ ବିରୋଧ କରୁଛନ୍ତି।

ମୋଦିଙ୍କ ମୌନକୂଟନୀତିକୁ କେନ୍ଦ୍ରକରି ଏବେ ଅଧିକ ଆଲୋଚନା ହେଉଛି। ୟୁକ୍ରେନ-ରୁଷିଆ ମଧ୍ୟରେ ଭାରତର ତେଲ କିଣା ହେଉ, ମଣିପୁର ହିଂସାକାଣ୍ଡ ହେଉ ଅଥବା ଟ୍ରମ୍ପଙ୍କ ପାକ୍ ସଂକ୍ରାନ୍ତରେ ସମାଲୋଚନା- ଏସବୁ ମାମଲାରେ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି କିଛି କହିବା ଦରକାର ବୋଲି ଅନେକ ସମାଲୋଚକ କହିଆସିଛନ୍ତି। ଦେଖାଯାଉଛି ଯେ ମୋଦି ନିଜେ ଚୁପ୍ ରହି ଉତ୍ତର ଦେବାଲାଗି ଅନେକ ବିଷୟରେ ବିଦେଶମନ୍ତ୍ରୀ ଜୟଶଙ୍କର କିମ୍ବା ଅନ୍ୟନେତାଙ୍କୁ ସାମ୍ନାକୁ ଛାଡୁଛନ୍ତି। ଅତୀତ ଦିନମାନଙ୍କରେ ୟୁରୋପର ସମାଲୋଚନାର ଉତ୍ତର ଜୟଶଙ୍କର ବହୁ ଭଲଭାବେ ଦେଇଥିଲେ। ଆମେରିକାର ଚାପ କିମ୍ବା ନିର୍ଦ୍ଦେଶରେ କଥା ନକହି ସମସ୍ୟାର ସମାଧାନ ପାଇଁ କହିବା ଦରକାର ବୋଲି କହିଥିଲେ। କହିବାକୁ ଗଲେ ମୋଦିଙ୍କ ଏହି ମଉନ ରହିବା ନୀତି ଭାରତର ବିକାଶପାଇଁ ସହାୟକ ହୋଇଛି। ସେ ମୌନରହି ଆମେରିକାର ଅଯଥା ଦାବିକୁ ମିଥ୍ୟା ବୋଲି ପ୍ରମାଣିତ କରିସାରିଛନ୍ତି। ଟ୍ରମ୍ପଙ୍କ ବ୍ରାଜିଲ, ଭାରତ ସମେତ ଅନେକରାଷ୍ଟ୍ର ବିରୋଧରେ ବିଷୋଦଗାର ଏବଂ ଶୁଳ୍କ ଲାଗୁ କରିବା ନୀତି ଯୋଗୁ ବହୁରାଷ୍ଟ୍ର ଏବେ ଆମେରିକାର ବିରୋଧୀ ହୋଇଛନ୍ତି, ଆମେରିକା ଉପରୁ ବିଶ୍ୱାସ ହରାଇଛନ୍ତି। ୟୁରୋପୀୟ ରାଷ୍ଟ୍ର ସମୂହ ଏବଂ ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ତନ୍ମଧ୍ୟରେ ରହିଛନ୍ତି। ଆମେରିକା ସହ ସଂପର୍କ ଖରାପ ହେବାପରେ ୟୁରୋପର ଯେଉଁ ବାଣିଜ୍ୟିକ କ୍ଷତି ହେବ ତାର ଭରଣା ପାଇଁ ସେମାନେ ଭାରତ ସହ ଖୁବଶିଘ୍ର ବୁଝାମଣା କରିବାକୁ ସ୍ଥିର କଲେ। କାରଣ ଏବେ ଆର୍ଥିକ ବିକାଶ ଦୃଷ୍ଟିରୁ ଭାରତର ବିକାଶ ହାର ଅନ୍ୟମାନଙ୍କ ତୁଳନାରେ ଢେର ଆଗରେ ରହିଛି। ବଜାର ମଧ୍ୟ ଏକପ୍ରକାର ସ୍ଥିର ଓ ବିକାଶମୁଖୀ ଅବସ୍ଥାରେ ରହିଛି। ଏଥିରୁ ଲାଭ ଉଠାଇବା ପାଇଁ ୟୁରୋପୀୟ ସଂଘ ଚହିଁଲା।

ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜାନୁଆରୀ ମାସର ଡାଭୋସ ଆଲୋଚନାରେ ଟ୍ରମ୍ପଙ୍କ ବିରୋଧରେ ୟୁରୋପୀୟ ନେତୃବୃନ୍ଦଙ୍କ ସମାଲୋଚନା ଦୃଷ୍ଟିକୁ ଆସିଥିଲା। ଆମେରିକାର ପଡୋଶୀ ଏବଂ ସହଯୋଗୀ ରାଷ୍ଟ୍ର କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଟ୍ରମ୍ପଙ୍କୁ ଧମକ ଦେବାସହ କଠୋର ସମାଲୋଚନା କରିଥିଲେ। ଆଇଏମ୍ଏଫ୍ର କ୍ରିଷ୍ଟାଲିନା ଜର୍ଜିଏଭା ଏବଂ ୱର୍ଲଡ ଇକୋନୋମିକ ଫୋରମର ଅଧ୍ୟକ୍ଷ ବୋର୍ଗେ ବ୍ରେଣ୍ଡେ ଆମେରିକା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ। ୟୁରୋପୟ ୟୁନିଅନର ଅଧ୍ୟକ୍ଷ ଏଣ୍ଟୋନିଓ କୋଷ୍ଟା, ୟୁରୋପୀୟ ୟୁନିଅନ କମିଶନର ଅଧ୍ୟକ୍ଷା ଉର୍ସୁଲା, ଉପାଧ୍ୟକ୍ଷା କାଜା କାଲ୍ଲାସ ପ୍ରମୁଖ ଡାଭୋସ ଆଲୋଚନା ସମୟରେ ଆମେରିକାକୁ ସମାଲୋଚନା କରିବା ସହ ଭାରତ ସହ ୟୁରୋପୀୟ ସଂଘ ବିଶ୍ୱର ସର୍ବବୃହତ ବାଣିଜ୍ୟିକ ବୁଝାମଣା କରିବାକୁ ଯାଉଥିବା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ତା ପୂର୍ବରୁ ଜାନୁଆରୀ ମାସରେ ଭାରତ ଗସ୍ତରେ ଆସିଥିବା ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ ମଧ୍ୟ ଯଥାସମ୍ଭବ ଦ୍ୱିପାକ୍ଷିକ ବୁଝାମଣା ଶେଷ ହେବା ସପକ୍ଷରେ ମତ ଦେଇଥିଲେ। ତାଙ୍କ ବକ୍ତବ୍ୟରୁ ୟୁରୋପୀୟ ୟୁନିଅନ ସବୁ କିଛି ଠିକ୍ କରିସାରିଥିବା ମନେ ହେଉଥିଲା, ଯାହା ୨୭ ଜାନୁଆରୀ ଦିନ ଶେଷ ହେଲା।

ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ସଚିବ ରାଜେଶ ଅଗ୍ରୱାଲ ବହୁ ପରିଶ୍ରମ କରିଥିଲେ। ଉର୍ସୁଲା ଏବଂ କୋଷ୍ଟାଙ୍କ ପାଇଁ ଲାଲକାର୍ପେଟ ବିଛାଇ ସ୍ୱାଗତ କରାଯାଇଥିଲା। ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ପରେଡକୁ ଦୁଇନେତାଙ୍କୁ ଅତିଥି କରିବା ସହ ଭାରତର ସୈନ୍ୟ ଶକ୍ତି ଓ ଅସ୍ତ୍ରଶକ୍ତିର ପ୍ରଦର୍ଶନ କାଳରେ ସେମାନଙ୍କୁ ପରିଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରତ୍ୟେକଟି ପ୍ରତିରକ୍ଷା ସାମଗ୍ରୀ ପରେଡରେ ଯିବା ସମୟରେ ତା ସଂପର୍କରେ ୟୁରୋପୀୟ ନେତାମାନଙ୍କୁ ବୁଝାଉଥିଲେ। ଅପରେସନ ସିନ୍ଦୂର ମଡେଲରେ କିପରି ଭାରତର ବାୟୁସେନା ପାକ୍ରେ ଥିବା ଚୀନର ରାଡାର ଏବଂ ଆମେରିକାର ଏଫ୍-୧୬ ଯୁଦ୍ଧ ବିମାନଗୁଡିକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା। ସେ ବିଷୟରେ କହିଥିଲେ। ଏପରିକି ଭାରତର ରକେଟର ମାରକ କ୍ଷମତା, ତୋପ, ରାଡାର, ଟ୍ୟାଙ୍କ, ପ୍ରତିରକ୍ଷା ବ୍ୟବସ୍ଥା ଆଦି କିପରି ଉନ୍ନତମାନର ସେ ବିଷୟରେ ୟୁରୋପୀୟ ନେତାମାନଙ୍କୁ ପରିଚିତ କରାଇଥିଲେ। ଦୁଇ ୟୁରୋପୀୟ ନେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଖୋଲା ଘୋଡାଗାଡିରେ ପରେଡ ସ୍ଥାନକୁ ନେଇଥିଲେ। ପୂର୍ବରୁ ରାଷ୍ଟ୍ରପତି ଭବନଠାରେ ଦୁଇନେତାଙ୍କୁ ପାଇଁ ଗାର୍ଡ ଅଫ ଅନର ଦିଆଯାଇଥିଲା। ରାଷ୍ଟ୍ରପତି ମଧ୍ୟ ସେମାନଙ୍କ ପାଇଁ ଏକ ଭୋଜୀର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ଅନେକ କୂଟନୀତିଜ୍ଞ ଏବଂ ରାଜନେତା ଯୋଗ ଦେଇଥିଲେ। ଭାରତରେ ଆତିଥ୍ୟ ଏବଂ ସମ୍ବର୍ଦ୍ଧନା ପାଇ ୟୁରୋପୀୟ ନେତାମାନେ ବେଶ୍ ଖୁସି ଥିବାର ଦେଖାଯାଇଥିଲା।

ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା। ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ତଥା ପର୍ତ୍ତୁଗାଲର ପୂର୍ବତନ ପ୍ରଧାନମନ୍ତ୍ରୀ ଏଣ୍ଟୋନିଓ କୋଷ୍ଟା ନିଜକୁ ଜଣେ ପ୍ରବାସୀ ଭାରତୀୟ କହି ନିଜ ପକେଟରୁ ଭାରତର ପାସପୋର୍ଟ କାଢି ଦେଖାଇଥିଲେ। କୋଷ୍ଟାଙ୍କ ପରିବାର ଏକଦା ଗୋଆର ବାସିନ୍ଦା ଥିଲେ। ଗୋଆ ଭାରତରେ ସାମିଲ ହେବାପରେ ପରେ ତାଙ୍କ ପରିବାର ପର୍ତ୍ତୁଗାଲକୁ ଚାଲିଯାଇଥିଲେ। ସୋସିଆଲିଷ୍ଟ ପାର୍ଟିର କୋଷ୍ଟା ୨୦୧୫ରୁ ୨୦୨୪ଯାଏଁ ପର୍ତ୍ତୁଗାଲର ଶାସନ ଦାୟିତ୍ୱରେ ଥିଲେ। ଗୋଆରେ ତାଙ୍କୁ ସମସ୍ତେ ଆଦରରେ ବାବୁସ୍ ବୋଲି ଡାକିଥାନ୍ତି। ୨୦୧୭ରେ ପ୍ରବାସୀ ଭାରତୀୟ ଭାବେ ତାଙ୍କୁ ସମ୍ମାନୀତ କରାଯାଇଥିଲା। ୨୦୦୫ରେ ଭାରତର ଦୀର୍ଘକାଳୀନ ଭିସା ବିଦେଶରେ ବାସ କରୁଥିବା ଭାରତୀୟ ମୂଳର ଲୋକଙ୍କ ପାଇଁ ଦିଆଯାଇଥିଲା। ହେଲେ ଏଥିରେ କୌଣସି ପ୍ରକାର ରାଜନୈତିକ ଅଧିକାର ମିଳେ ନାହିଁ। କୋଷ୍ଟା ତାଙ୍କ ବକ୍ତବ୍ୟରେ ଦ୍ୱିପାକ୍ଷିକ ବୁଝାମଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ଶାନ୍ତି ସ୍ଥାପନା ପାଇଁ ଭାରତର ସହଯୋଗ ଲୋଡିଥିଲେ। ଏପରିକି ଆବଶ୍ୟକ ହେଲେ ୟୁକ୍ରେନ ନିଜର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ। ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ରୁଷିଆକୁ ଭାରତ ପ୍ରଭାବିତ କରିପାରିବ ବୋଲି ୟୁରୋପୀୟ ନେତୃବୃନ୍ଦଙ୍କ ଗଭୀର ବିଶ୍ୱାସ ରହିଛି।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# କୋଡିଏ ଟଙ୍କା, ତିରିଶ ବର୍ଷରେ ଭାଗ୍ୟ ପରଖ



ଗଜାନନ ମିଶ୍ର

ବାବୁଭାଇ ପ୍ରଜାପତି। ଗୁଜରାଟ ବାସିନ୍ଦା। କର୍ମରେ ଗୁଜରାଟ ପୋଲିସ କନେଷ୍ଟବଳ। ବହୁ କୁଟୁମ୍ବୀ। ପରିବାରକୁ ଦରମା ନିଅଣ୍ଟ। ମାତ୍ର କୋଡିଏଟଙ୍କା ଦେଲା ଜନୈକ ବ୍ୟକ୍ତି ଊଣେଇଶ ସତାନବେ ମସିହାରେ। ବାବୁଭାଇ ଧରାପଡିଗଲା। ଫୌଜଦାରୀ ଅଦାଲତରେ ଚାର୍ଜସିଟ ଦାଖଲ ହେଲା ଆଉ ହେଲା ସଜା ଅଦାଲତରେ ଦୁଇ ହଜାର ଚାରିରେ। ଚାରି ବର୍ଷ ଜେଲ, ତିନିହଜାର ଟଙ୍କା ଜୋରିମାନା ଲାଗୁ ହେଲା। ବାବୁଭାଇ ରହିଲେ ଜେଲରେ। ବାବୁଭାଇ ପ୍ରଜାପତି ନିମ୍ନ ଅଦାଲତଙ୍କ ରାୟ ପ୍ରତିବାଦରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ। ଦୀର୍ଘ ବାଇଶ ବର୍ଷ ଚାଲିଲା ମାମଲା। ଗତ ଫେବୃୟାରୀ ଚାରି ତାରିଖ ଦୁଇହଜାର ଛବିଶ ମସିହାରେ ନିର୍ଦ୍ଦୋଷ ପ୍ରମାଣ ମିଳିଲା। ହାୟ, ପରଦିନ ଫେବୃଆରୀ ପାଂଚ ତାରିଖରେ ହୃଦଘାତରେ ତାଙ୍କର ମୃତ୍ୟୁ ହେଲା। କୋଡିଏ ଟଙ୍କା ଲାଞ୍ଚ ମାମଲା; ତିରିଶ ବର୍ଷ ଜେଲଦଣ୍ଡ। ସତ ଘଟଣା, ମାୟାମୟ ଜୀବନ। ସତ ଦୁନିଆଁ। ମିଛ ବେପାର। ପୃଥିବୀ ରଙ୍ଗମଞ୍ଚରେ ଅନେକ ନାୟକ ନାୟିକା।

ସତମିଛର ଫେଣ୍ଟା ଅଭିନୟ। ଯାହାର ଯାହା ମନକୁ ଆସିଲା କଲା, ଊଣେଇଶହ ପଚାଶ ମସିହାରେ ନିର୍ମିତ ହୀରାକୁଦ ବନ୍ଧ। ଲୋକେ ହେଲେ ବିସ୍ଥାପିତ। ସମ୍ବଲପୁର, ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ସୋନପୁର ସତେଇଶ ହଜାର ପାଖାପାଖି ଲୋକ ଭିଟାମାଟି ଛାଡିବାକୁ ବାଧ। ତିନିଶହ ପଚିଶରୁ ବେଶୀ ଗ୍ରାମ ଜଳବୁଡି। ଏ ଯାଏ ସାଢେ ତେରହଜାର ପରିବାରକୁ ପୁନର୍ବାସ ଓ କ୍ଷତିପୂରଣ ମିଳି ନାହିଁ। ଏ ଯାଏ ସ୍ଥାନୀୟ ପ୍ରଶାସନ ଦ୍ୱାରା ପରିବାର ଚିହ୍ନଟ ହୋଇ ପାରି ନାହିଁ। କାହାରି ଖାତିର୍ ନାହିଁ କୋଉକଥାକୁ! ଅଦାଲତଙ୍କ ଅଲଗା ଅଲଗା ଆଦେଶ, ଅଲଗା ଅଲଗା ରାୟରେ ଯେ ଯୋଉଠି ଗୁନ୍ଦଲାଗୁପା। କାଗଜ କଲମ କଥା ଭାଷଣରେ ସମସ୍ତେ ଏକୁଆରେକ ବଡ। ସମସ୍ୟା ସଂସ୍କାର ସବୁ ବଦଳିଛି। ଆଉ ଗତି ବଢିଛି ନିମ୍ନଆଡକୁ। ବିକଶିତ ଭାରତ ଉଡୁଛି ଧ୍ୱଜା। ନାଚି ନଚାଉଛି ଆମେରିକା।

ଊଣେଇଶହ ସତଚାଳିଶରେ ଆମ ଦେଶରୁ ଚାଲିଗଲେ ବିଦେଶୀଶାସକ। ଆମର ସମ୍ବିଧାନ ଆମେ ତିଆରିକଲେ ଆଉ ଲାଗୁକଲେ ଊଣେଇଶହ ପଚାଶରୁ। କୌଣସି ବିଦେଶୀଭାଷାକୁ ଆମ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ୱୀକୃତି ଦିଆଯାଇ ନାହିଁ। ମଣିଷଗଢା ଶିକ୍ଷାନୀତି ନାହିଁ। ଭାରତୀୟ ନ୍ୟାୟାଳୟରେ, ସବୁ ବିଦ୍ୟାଳୟରେ ସବୁ କାର୍ଯ୍ୟାଳୟରେ କିନ୍ତୁ ସବୁ କାର୍ଯ୍ୟ ଚାଲିଛି ବିଦେଶୀଙ୍କ ଭାଷାରେ, ସ୍ୱଦେଶୀ ଲୋକେ ଅନ୍ଧାରରେ। ବୁଝା ବୁଝା ଅବୁଝା। ଲୋକଙ୍କ ସରକାର, ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା। ଲୋକ ପ୍ରତିନିଧି ନେତାଗୁଡା ଜିନ୍ଦାବାଦ! ସବକା ସାଥ୍, ସବକା ବିକାଶ୍। ଆଇନର ଶାସନ। ଆଇନବାଟରେ ଆଇନ। କୌଣସିଥିରେ ମାଟିର ଅସ୍ମିତା ନାହିଁ। ପରିବାରରେ ସ୍ନେହ ଶ୍ରଦ୍ଧା ନାହିଁ। ସ୍ୱାମୀ-ସ୍ତ୍ରୀ ମେଳକ ନାହିଁ। ଦେଶ ଉଜୁଡି ଯାଉଛି ସମାନତାର ଅଭାବରେ। ପାଳଚୁଙ୍ଗା ମନ୍ତ୍ରୀସବୁ ଏକ ଲାଉର ମଂଜି। ସ୍ଥାନ ଅସ୍ଥାନରେ ଖଂଜାଖଂଜି। ପ୍ରେମ ପ୍ରୀତି କର୍ମ ଧର୍ମର ସଂଜ୍ଞା ସ୍ୱରୂପ ସବୁ ବଦଳିଛି। ବାଟ ହଜାଇଛି ନୀତି ନିୟମ। ଆନ୍ତରିକତାର ଅଭାବ ବିଗିଡେଇ ଦେଇଛି ସମାଜ। ସ୍ୱେଚ୍ଛାଚାରିତା ବଢିଛି। ଗୁରୁତ୍ୱପୂର୍ଣ୍ଣ ନୁହଁ କେହି କିଛି!

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୬୬୬୪୪*

# ଭାରତ – ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା



ଡ. ସମନ୍ୱୟ ନନ୍ଦ

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ପନ୍ନ ହୋଇଛି। ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି। ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧୃବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି। ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ। ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତ୍ତା ଚାଲିଥିଲା। ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା। ତେଣୁ ଏହି କଥାବାର୍ତ୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ। ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା। ଆହୁରି ଅନେକ ବିଷୟ ମଧ୍ୟ ଥିଲା। ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତ୍ତା ବିଫଳ ହୋଇଥିଲା।



ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତ୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା। ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତ୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି। ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ। ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି। ଉଦାହରଣ ସ୍ୱରୁପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ। ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶ ମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି। ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ। ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି- ଆଲାଇନମେଂଟ ହେବା ସ୍ୱାଭବିକ ଥିଲା। ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର। ରିଆଲାଇନମେଂଟ ସମ୍ପୂର୍ଣ୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ। ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି। ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି। ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା। ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି। ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍ କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶ ମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି। ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି। ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ। ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ। ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣାୟକ ବୋଲି ପ୍ରମାଣିତ ହୋଇ ପାରେ। ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ। ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ। ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ। ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ, ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି। ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ। ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ।

କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ। ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ। ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାୟରୀ ଉତ୍ପାଦ ଓ ଛୋଟ ଶିଳ୍ପ ଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ। ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ। ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ। ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି। ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି। ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି। ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି।

*ଖାରବେଳ ନଗର, ଭୁବନେଶ୍ୱର*
*ଦୂରଭାଷ : ୯୪୩୮୪୧୩୭୦୪*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଧାରାବାହିକ ଉପନ୍ୟାସ


କମଳିନୀ ମଲ୍ଲିକ

ଓଡିଆ ସାହିତ୍ୟ ଜଗତରେ କମଳିନୀ ମଲ୍ଲିକ ଏକ ପରିଚିତ ସ୍ରଷ୍ଟା । ପ୍ରଥମରୁ ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା କମଳିନୀ ମଲ୍ଲିକ୍ ପରବର୍ତ୍ତି ସମୟରେ ଆଧୁନିକ ଗଳ୍ପ ଓ କବିତା ରଚନା କରି ବେଶ୍ ପାଠକପ୍ରିୟ ହୋଇ ପାରିଛନ୍ତି ଏବଂ ତାଙ୍କର ଶତାଧିକ ଗଳ୍ପ ଓ କବିତା ବହୁ ପ୍ରତିଷ୍ଠିତ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ବିଶେଷଭାବେ ଗଳ୍ପ ରଚନାରେ ନିଜକୁ ଖୁବ୍ ନିବିଷ୍ଟ କରିଥିବା ଏହି କଥାକାରଙ୍କର ଲେଖାରେ ଜୀବନବାଦର ଚମତ୍କାର ଉପସ୍ଥାପନା ଓ ଶୈଳୀ ପାଠକମାନଙ୍କୁ ମୁଗ୍ଧ କରିଛି । ସାମାଜିକ ସ୍ତରରେ ହେଉ ଅବା ବ୍ୟକ୍ତିଗତ ସ୍ତରରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀକୁ ସେ ତାଙ୍କର ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ଏପରି ସମାହିତ କରିଥାନ୍ତି, ଯେଉଁଥିରେ କାରୁଣ୍ୟ, ଆବେଗ, ଦର୍ଶନ, ପ୍ରେମ ସହିତ ଥାଏ ମଧ୍ୟ ସାମାଜିକ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା । ସ୍ୱାର୍ଥପରତା ଓ ସୁବିଧାବାଦିତାକୁ ଆପଣେଇ ନେଉ ନେଉ ଭଲୁ ଯାଉଥିବା ଜୀବନର ଉଚିତ୍ ମାର୍ଗକୁ କଥାକାର ପରୋକ୍ଷ ଭାବରେ କି ମ୍ୟା ପ୍ରତ୍ୟେକ୍ଷ ଭାବରେ ତାଙ୍କ କଥା କାରିଗରିତାରେ ଦର୍ଶାଇଥାନ୍ତି । ସରଳ, ସହଜ ଓ ସାବଲୀଳ ଭାବରେ କୌଣସି ଶବ୍ଦାଡ ମ୍ୱର ବିନା ଏବଂ ନିଜେ ନିରବଚ୍ଛିନ୍ନ ଓ ନିର୍ବିକାର ହୋଇ ଲେଖି ଚାଲିଥିବା ଲେଖିକା କମଳିନୀ ମଲ୍ଲିକଙ୍କ ଗଳ୍ପ ଓ କବିତା ପ୍ରତ୍ୟେକ ପାଠକଙ୍କୁ ବାନ୍ଧି ରଖିବାର କ୍ଷମତା ରଖେ ।

ଭାଗ-୨

*(ପୂର୍ବପ୍ରକାଶ ଉତ୍ତାରୁ)*

ସେହି ସମୟରେ ରଶ୍ମୀଙ୍କୁ ଭୀଷଣ ପୀଡା ହୁଏ, ଜୀବନଟା ତୁଚ୍ଛ ପାଣିଚିଆ ଲାଗେ ।

ଏବେ ତ ସେଇ ମହାର୍ଘ୍ୟ ସମୟ ଟିକକ ବି ହାତରୁ ଖସି ଯାଇ କାହିଁ କେତେ ଦୂରକୁ ଚାଲି ଯାଇଛି । ରଶ୍ମୀଙ୍କ ଭିତରେ ଓ ବାହାରେ ପୁଣି ସେଇ ନିଃସଙ୍ଗତା ଓ ଅଭାବବୋଧର ଉତ୍ପୀଡନ, ସେଇ ଜ୍ୱଳନ, ଅନବରତ ତାଙ୍କୁ ଗ୍ରାସି ଚାଲିଛି । ଆଉ ଏଇ ସମୟରେ ଦୀନେଶ ଖୁବ୍ ମନେ ପଡନ୍ତି । ଏବେ ସେ କଣ କରୁଥିବେ । ଅଫିସରେ ଥିବେ ନା କେଉଁ ବନ୍ଧୁଙ୍କ ପାଖରେ ଗପସପ କରୁଥିବେ। ଜଙ୍ଗଲ ଭିତରେ ନା ଝରଣା କୂଳରେ ବୁଲୁଥିବେ ନା ଦୂର ପର୍ବତମାଳାର ମଥାନ ଉପରେ ବୁଡି ଯାଉଥିବା ସୂର୍ଯ୍ୟଙ୍କ ରକ୍ତିମ କିରଣକୁ ନୀରବରେ ଠିଆ ହେଇ ଦେଖୁଥିବେ। କାର୍ଯ୍ୟକ୍ଷେତ୍ରରୁ ଫେରୁଥିବେ ନା ରୁମ୍‌ରେ ହାଲିଆ ହେଇ ଶୋଇ ପଡିଥିବେ।

ଦୀନେଶଙ୍କ ବିଷୟରେ କେତେ କଥା ଭାବିବା ଭିତରେ ରଶ୍ମୀ ବାରମ୍ବାର ଫୋନ ବାଜିବାର ଶବ୍ଦକୁ କାନଉଥିବେ। ଯେମିତି ଦୀନେଶଙ୍କର ଫୋନ ଆସିବ ତାଙ୍କ ସହିତ ବାଚାଳ ଭଳି କେତେ କଣ ଗପିଯିବେ । ସବୁକଥା ଟିକିନିଖି କରି ପଚାରି ବୁଝୁଥିବେ । ଶେଯରୁ ଉଠିବାଠାରୁ ଶେଯକୁ ଯିବା ପର୍ଯ୍ୟନ୍ତର କଥା । ସେତିକି ନ ହେବା ଯାଏ ରଶ୍ମୀ ସ୍ଥିର ହେଇ ପାରନ୍ତି ନାହିଁ । ତାପରେ ସେ ନିଜକୁ ଆୟତ୍ତ କରିବାକୁ ଚେଷ୍ଟା କରନ୍ତି । ଘର କାମରେ ମନ ଦିଅନ୍ତି । ହେଲେ ଦୀନେଶଙ୍କୁ ମନରୁ ଦୂରେଇ ପାରନ୍ତି ନାହିଁ।

ରାସ୍ତା ଓ ନିର୍ମାଣ ବିଭାଗର ଇଂଜିନିୟର ଦୀନେଶ । ନିର୍ମାଣ ଓ ମରାମତି କାର୍ଯ୍ୟରେ ଦୀନେଶ ଖୁବ୍ ଦକ୍ଷ ଓ କୁଶଳୀ ଯନ୍ତ୍ରୀ । ତାଙ୍କର ଏହି କାର୍ଯ୍ୟ ଦକ୍ଷତା ପାଇଁ ସେ ଉପରିସ୍ଥ ଅଫିସରଙ୍କଠାରୁ ତଳ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଖୁବ୍ ପ୍ରିୟପାତ୍ର । ଗୋଟେ ନିଆରା ସମ୍ମାନ ଓ ଶ୍ରଦ୍ଧା ମଧ୍ୟ ଥାଏ ତାଙ୍କର । ହେଲେ ସେ କଣ ଜାଣିଥିଲେ ଯେଏଇ ନିଷ୍ଠାପରତା ଓ କାର୍ଯ୍ୟ କୁଶଳତା ପାଇଁ ତାଙ୍କୁ ଏମିତି ଦଣ୍ଡ ଭୋଗିବାକୁ ପଡିବ । ଏ ଗୋଟେ ଦଣ୍ଡ ନୁହେଁ ତ କଣ । ପତିପତ୍ନୀଙ୍କୁ ପରସ୍ପରଠାରୁ ଅଲଗା କରାଇଦେବା, ପିଣ୍ଡରୁ ପ୍ରାଣ କାଢି ନେବା ସଙ୍ଗେ ସମାନ । ଭଲ କାମ କରିବାର ପରିଣତି କଣ ଏଇଆ ? ବଦଳି କରିଦେଲେ କାହିଁ କେତେ ଦୂର ମୟୂରଭଞ୍ଜ ଜିଲ୍ଲାକୁ । ଆଦିବାସୀମାନଙ୍କ ଗହଣକୁ । କେବେ ସେଇ ପ୍ରକଳ୍ପ ଶେଷ ହେବ, ଦୀନେଶ ତାଙ୍କ ପାଖକୁ ଫେରିବେ । ବିଚାରୀ କେତେ ନିଃସଙ୍ଗ ଜୀବନ କାଟୁଥିବେ ରଶ୍ମୀ । ଯିଏ ତାଙ୍କ ବିନା ଗୋଟେ ମୁହୂର୍ତ୍ତ ବି ଚଳି ପାରନ୍ତି ନାହିଁ । ଅଫିସରେ ଥିଲାବେଳେ ଦିନକୁ ଦୁଇ ତିନି ଥର ଫୋନ୍ ନ କଲେ ଯାହାଙ୍କ ମନବୋଧ ହୁଏନାହିଁ।

ଏକ ନଦୀବନ୍ଧର ଯୋଜନା ସରକାରଙ୍କ ତରଫରୁ ମଞ୍ଜୁରପ୍ରାପ୍ତ ହୋଇ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେଉଥିଲା । ପ୍ରଥମ ପର୍ଯ୍ୟାୟରେ ଦକ୍ଷ ଓ ସଚ୍ଚୋଟ ଇଂଜିନିୟରମାନଙ୍କର ଆବଶ୍ୟକତା ପଡିଲା । ତେଣୁ ସେହିଭଳି ଯେଉଁମାନଙ୍କୁ ତାଲିକାଭୁକ୍ତ କରାଯାଇଥିଲା ସେଥିରେ ଦୀନେଶଙ୍କ ନାମ ମଧ୍ୟ ରଖା ଯାଇଥିଲା । ଯେହେତୁ ପ୍ରାଥମିକ କାର୍ଯ୍ୟକୁ ଖୁବ୍ ସାବଧାନ ଓ ମଜବୁତ୍ କରି ଗଢିବାର ନିହାତି ଆବଶ୍ୟକତା ଥିଲା । ତେଣୁ ବିଭିନ୍ନ ଜିଲ୍ଲାରୁ ଚୟନ କରାଯାଇ ପ୍ରାୟ କୋଡିଏ ଜଣ ଇଂଜିନିୟରଙ୍କର ତୁରନ୍ତ ବଦଳି ହେଲା ମୟୂରଭଞ୍ଜ ଜିଲ୍ଲାକୁ ।

ପାଠପଢା ବହିରୁ କେତେ କଥା ଜାଣିଥିଲା ମୟୁରଭଂଜ ବିଷୟରେ । ତାର ଗୌରବମୟ ଇତିହାସ, ତାର ସବୁଜ ସୌନ୍ଦର୍ଯ୍ୟ ଭରା ଭୌଗଳିକ ଅବସ୍ଥିତି ଏବଂ ତାର ଜନଜୀବନ ତଥା ବଂଶାନୁକ୍ରମିକ ରାଜା ମହାରାଜାମାନଙ୍କର ମହାନ୍ ଯଶକୀର୍ତ୍ତିର ଗାଥାସବୁ । ଯେଉଁମାନଙ୍କର ମୟୁରଭଂଜ ଜିଲ୍ଲା ତଥା ସାରା ଓଡିଶା ପାଇଁ ଶିକ୍ଷା, ସଂସ୍କୃତି ଓ ସାଧାରଣ ଜନଜୀବନର ଉନ୍ନତି ସାଧନ କରିବାରେ ଅବଦାନ ଯଥେଷ୍ଟ ଥିଲା । ସେଇ ସମୟ କେତେ ପଛକୁ ଚାଲି ଯାଇଛି, ଏବଂ ଆଗକୁ ମାଡି ଆସିଥିବା ସମୟରେ ଅନେକ କିଛି ବଦଳି ସାରିଛି । ଗତାନୁଗତିକ ଜୀବନ ଏତେ ବ୍ୟସ୍ତ ଓ ଜଂଜାଳଗ୍ରସ୍ତ ଯେ ଅତୀତର ସେଇସବୁ ସ୍ୱର୍ଣ୍ଣିମ ଇତିହାସକୁ ଆଉ ଯେମିତି ମନେ ରଖିବା ଆବଶ୍ୟକ ପଡୁନାହିଁ । ପ୍ରଗତି ଅପେକ୍ଷା ପ୍ରତିଦ୍ୱନ୍ଦିତାର ତତ୍ପରତା ଅଧିକ, ବିକାଶଠାରୁ ବିନାଶର କାୟା ବେଶି ବିସ୍ତାରିତ ।

ପରିବର୍ତ୍ତୀତ ପରିସ୍ଥିତି ଓ ସମୟର ଧାରାରେ ବେଳେବେଳେ ଇତିହାସ କଡ ଲେଉଟାଏ ଏବଂ ବଦଳିଯାଏ ଭୌଗଳିକ ରେଖା । ଜୀବନ ଓ ଜୀବୀକାର ପୃଷ୍ଠଭୂମି । ଓଡିଶା ରାଜ୍ୟର ଉତ୍ତର ଦିଗରେ ଅବସ୍ଥିତ ମୟୁରଭଞ୍ଜ ଜିଲ୍ଲା ।




ଏକଦା ଓଡିଶାର ଏକ ସ୍ୱତନ୍ତ୍ର ତଥା ଶେଷ ଗଡଜାତ ରାଜ୍ୟ ଭାବେ ପରିଚିତ ହୋଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମ୍ପଦରେ ପୂର୍ଣ୍ଣଗର୍ଭା ଥିଲା । ଯେଉଁ ରାଜ୍ୟରେ ଭଞ୍ଜବଂଶର ମହାରାଜାମାନେ ନିଜ ନିଜର ଶାସନ, ପ୍ରଶାସନ, ଅନୁଶାସନ ତଥା ପ୍ରଜା ବତ୍ସଳତା, ଦକ୍ଷତା ଓ ଜନହିତକାରୀ କାର୍ଯ୍ୟ ପାଇଁ ସମଗ୍ର ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଥିଲେ ଏବଂ ଯାହାଙ୍କ ସୁପରିଚାଳିତ ପ୍ରଶାସନର ନୀତି ଓ ଆଦର୍ଶକୁ ଅନ୍ୟ ରାଜ୍ୟମାନେ ଅନୁକରଣ କରୁଥିଲେ ସେହି ମୟୁରଭଞ୍ଜର ପ୍ରଗତି, ଉନ୍ନତି ଓ ମଙ୍ଗଳ ପାଇଁ ଏବର ସରକାର ବହୁ ପଦକ୍ଷେପ ଓ ଯୋଜନାର ଖସଡା ପ୍ରସ୍ତୁତ କରି ସେଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପର ହୋଇ ଉଠିଛନ୍ତି । କିନ୍ତୁ କର୍ପୂର ଉଡିଯାଇ କନା ପଡି ରହିଲା ପରି ମୟୁରଭଞ୍ଜ ତାହାର ଐତିହ୍ୟ ଓ ଗାରିମାକୁ ଯେ ବଜାୟ ରଖିଛି ଏହା ନିଶ୍ଚିତ ଭାବେ ଯୁକ୍ତି ସାପେକ୍ଷ । ଏବଂ ଅଦ୍ୟାବଧି ମଧ୍ୟ ମୟୁରଭଞ୍ଜର ମାଟି, ପାଣି, ପବନ, ଜଙ୍ଗଲ ଓ ପାହାଡ ପର୍ବତ ସେହି ସୁବର୍ଣ୍ଣଯୁଗର ସ୍ୱାକ୍ଷରକୁ ବହନ କରି ଚାଲିଛି । ଯାହାର ପ୍ରମାଣ ଦିଏ ଏହାର ଓସାରିଆ ଚଉଡା ରାସ୍ତା, ସେହି ସମୟରେ ମହାରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଦ୍ୟାଳୟ, ଚିକିତ୍ସାଳୟ, ସାଂସ୍କୃତିକ ଅନୁଷ୍ଠାନ । ଯାହାକୁ ଖାଲି ଟିକେ ରଙ୍ଗ ବୋଳିବା ଓ ଭୁଷୁଡି ଯାଉଥିବା ଅବୟବଗୁଡିକୁ ଟେକି ଧରିବାର ଏକ ଅଭିନବ ପ୍ରୟାସ। *(କ୍ରମଶଃ)*





## ନାଟକର ଶେଷ ଦୃଶ୍ୟ ପରେ

**ସଂଜୀବ କୁମାର ଶତପଥି**

ନାଟକର ଶେଷ ଦୃଶ୍ୟ ପରେ ମଞ୍ଚ ସବୁ ନିର୍ଯ୍ୟାତିତ
ଯେମିତି ବର୍ଷ ବର୍ଷ ଧରି
ଅଳନ୍ଧୁ ଲାଗିଥିବା ଏକ ବସ୍ତୁ
ନାଟକର ଶେଷ ଦୃଶ୍ୟ ପରେ ଦୁର୍ଯ୍ୟୋଧନର
ଜାନୁ ଭାଙ୍ଗିଥିବା ଲୋକ ଟାକୁ ପୋଲିସ ଖୋଜୁଛି
ହେଲେ ଟେର ବି ପାଉନି ସେପଟେ
ଯନ୍ତ୍ରଣାରେ ଛଟ ପଟ
ଦୁର୍ଯ୍ୟୋଧନ ଚିକିତ୍ସା ଅଭାବରୁ
ସ୍ୱର୍ଗାରୋହଣ ବିଭିନ୍ନ ଖବର କାଗଜର
ଶିରୋନାମା ପାଲଟିଛି ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ଦ୍ରୌପଦୀ କ୍ଷତାକ୍ତ ରକ୍ତାତ କୁରୁ ସଭାରେ
ସହାନୁଭୂତି ବଦଳରେ ତାଙ୍କ ଚରିତ୍ରକୁ
ସଂହାର କରୁଛନ୍ତି ନାରୀନେତ୍ରୀ ଗଣ
ନ୍ୟାୟ ମିଳିବା ଆଶା ରେ ଆମରଣ ଅନଶନ
କେଉଁ ଏକ ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ
ରାଜନୈତିକ ବୟନବାଜୀ ସାରା ଦେଶରେ
ବିରୋଧୀର ହଟଗୋଳର ସମାଲୋଚନା ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ନାଟକରେ ଅଭିନୟ କରିଥିବା ପାଗଳ ଭୂମିକାରେ
ଲୋକଟି ନିଜ ଠିକଣା ଖୋଜୁଛି ହେଲେ ପାଉନି ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ସୀତା ଅପହରଣ ଓ ଅଗ୍ନିପରୀକ୍ଷା
ଦେଇ ଦେଲା ପରେ
ରାବଣ ଓ ରାମ ଚରିତ୍ରକୁ
ନେଇ ବିସ୍ତୃତ ଆଲୋଚନା
ଅଯୋଧ୍ୟା ନଗରୀର ମୁଖ୍ୟ ଖବର ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ସେ ପ୍ରେମିକ ପ୍ରେମିକା ସବୁ ଦିଗହୀନ
ଅନ୍ୟ କେଉଁ ରାଇଜରେ ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା
ଦିଆଲୁ ଭୋଇକୁ ଘରେ ପୁରାଇ ଦେଉନାହାନ୍ତି ।
ନାଟକର ଶେଷ ଦୃଶ୍ୟ ସରିଗଲା ପରେ
ହେରୋ ପାଟ କରୁଥିବା
ପିଲାଟା ଦାଦନ ଯିବା ପାଇଁ
ଟ୍ରେନର ଅପେକ୍ଷାରେ
ଏମିତି ଅନେକ ନାଟକ ଅନେକ ଅଭିନୟ ହୁଏ
ଏ ଜୀବନରେ ହେଲେ ବାସ୍ତବରେ ।
ନାଟକର ଶେଷ ଦୃଶ୍ୟ ପରେ
ଯେଉଁ ଜୀବନ୍ତ ଚରିତ୍ର ପାଇଁ ଲୋକେ ଝୁରି ହୁଅନ୍ତି
ସେ ଚରିତ୍ର କିନ୍ତୁ ଅଭୁଲା ସ୍ମୃତି ହୋଇ ରହିଯାଏ
ନାଟକର ଶେଷ ଦୃଶ୍ୟ ପରେ ।

*କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୮୪୫୫୦୪୧୪୦୭*



## କଳାହାଣ୍ଡି

**ଡ. ଆଲୋକ କୁମାର ରାୟ**

କଳା ମାଟି ଓ ଉତ୍କୃଷ୍ଟ କଳାର ଅମରାବତୀ
କଳାହାଣ୍ଡି ଏବେ ନୁହେଁ ଅପହଞ୍ଚ
କେବେ ବିକାଶର ନାଲି ନେଳି ଆଲୁଅ ପାଇଁ ତ
କେବେ ପ୍ରକାଶର ଛାତି ଖୋଲା ଆତ୍ମ ମର୍ଯ୍ୟାଦା ପାଇଁ
ଓ ପ୍ରଶସ୍ତିର କର୍ଣ୍ଣ ରୁଚିର ଆଳାପ ଯାଏ ଗୁଣୁଗୁଣେଇ ।
ରେଣ୍ଡୋ ମାଝୀର ରୁଧିରେ ଭିଜା ମାଟି ଇଏ
ଇତିହାସ ପାଗ ପରିବର୍ତ୍ତନର ବାର୍ତ୍ତାବହ
ଦୋ ଛକିରେ ଥିବା ଜୀବନ ବୀଣାରେ ସଞ୍ଚରେ
ବଳିଦାନର ଅଫେରା ରାଇଜୁ ଏବେ ଏବେ ଶୁଭେ
ଘୁମୁରାର ତାଳେ ତାଳେ କାରୁଣ୍ୟର ଚଉପଦୀ ।
ଭୋକର ଭୂଗୋଳ ଏବେ ଏଠି ପୋଥି ବାଇଗଣ
ଫାନ୍ଦ ପୁଞ୍ଜିର ପେଟରେ ନାହିଁ ଆଉ ତାତି
ଧନ ଧାନ୍ୟରେ ବୁଡ଼ ପକାଏ ଭୂମୀ ପୁତ୍ର
ଆଧୁନିକତା ଗ୍ରାସିଛି ଭବାନୀପାଟଣାର ତାଲୁରୁ ତଳିପା
ଅଭିବୃଦ୍ଧି ବଖାଣୁଛି ସଫଳତାରଅଧୁନାତନ ବର୍ଣ୍ଣବୋଧ ।
ଚାକଚକ୍ୟର ଭୌତିକ ଉପକ୍ରମଣିକା
ଆଚ୍ଛାଦିତ କଳାହାଣ୍ଡିର ନାକ ତଳେ
ମଳିମୁଣ୍ଡିଆ ବାପୁଡ଼ା ତେଲ ଲୁଣ
ସଂସାରର ଅସ୍ତିତ୍ୱ ପାଇଁ
ଜଙ୍ଗଲରୁ ଜାଳେଣୀ କାଠ ନେଇ ସହରରେ ବିକେ
କଳା ଦେହରୁ ତା ସ୍ୱେଦ
ଭୂମୀଗତ ପରେ ହୁଏ ଅଦୃଶ୍ୟ
ତା ସହ ଠିକଣା ହରାଏ
ଆଧୁନିକ କର୍ମ ସଂସ୍ଥାନ ସଂଳାପ ।
ଦାଦନର ସ୍ମରଣିକା ଫି ବର୍ଷ ପାଏ ପ୍ରକାଶ
ତିରଲାର ଅଶ୍ରୁ ସଲପ ଗଛରେ ଫୁଲ ହୋଇ ଫୁଟେ
ଦଲାଲର ଗୁଲିଖଟି ପାଖେ ଭିଡ଼ ଜମେ
ବସ ଷ୍ଟାଣ୍ଡ ନିକଟେ
ବନ୍ଧକର ଗୋଲକ ଧନ୍ଦା ପିଢ଼ି ପରେ ପିଢ଼ି
ସନ୍ତୁଳେ ଡଙ୍ଗର ସମ କଠିନ ଆଦିବାସୀ ଛାତି ।
କ୍ରମେ ପ୍ରକୃତିକୁ ଚଲୁ କରୁଥିବା
ବିକାଶର ବିଦେଶୀ ଡାଞ୍ଚା
ସ୍ଥାନୀୟ ସଂସ୍କୃତି, ସଭ୍ୟତାର
ପିଣ୍ଡକୁ ରସଶୂନ୍ୟ କଳାପରେ
ପାହାଡ଼ର ସବୁଜିମା ପାଇଁ ରଚୁଛି ଭୟାନକ ଅନ୍ତ
ଓ ଝରଣାରେ ବିଷ ଭରି
କୋଳେଉଛି ଉନ୍ନତିର ତନ୍ତ୍ର ।

*ଭୁବନେଶ୍ୱର*
*ଦୂରଭାଷ : ୯୪୩୭୦୬୮୦୦୩*



## ଏକାନ୍ତତା

**ଶାଶ୍ୱତୀ ହୋତା**

ଏକାନ୍ତତା ସହ ଅଭ୍ୟସ୍ତ ହୋଇଗଲା ପରେ
ନିଜ ଭିତରେ ଥିବା ପୂର୍ଣ୍ଣତାର ଚିହ୍ନ ସବୁ
ଆପେ ଆପେ ସ୍ୱଷ୍ଟ ନଜର ଆସି ଯାଉଥାଏ... ।

ଏକାନ୍ତତାକୁ ସ୍ୱୀକାର କରି ନେଲା ପରେ
ଆବଦ୍ଧ ଚାରି କାନ୍ଥ
ଏକ ନିର୍ଜନ କୋଠରୀ
ଆଉ ଖାଁ ଖାଁ ଲାଗି ନଥାଏ...
ନିଶବ୍ଦ ପରିବେଶ
ଅହେତୁକ ପ୍ରଶ୍ନ ନେଇ
ପଛେ ପଛେ ଦୌଡ଼ାଉ ନଥାଏ.... ।

ଆଲମାରୀ ଥାକରେ ଥିବା
ପୁରୁଣା ବହି ସବୁ ଝାଡି ଝୁଡ଼ି ହୋଇ
ନିସଂଗତା ଦୂରେଇବାରେ ଲାଗି ପଡ଼ିଥାଏ....
ଡାଏରୀର ନୂଆ ନୂଆ ଫର୍ଦ୍ଦ ସହ
ସମୟେ ସମୟେ ଅନ୍ତରଙ୍ଗରେ
ବାର୍ତ୍ତାଳାପ ହେଉଥାଏ.... ।


ସକାଳର କଅଁଳ ଖରାରେ
କେବଳ କପେ ଚା ହିଁ ଯଥେଷ୍ଟ ମନେ ହୁଏ...
ପୁରୁଣା ସ୍ମୃତି ସବୁ ତ ଜମାଟ ବାନ୍ଧି ଥାଏ
ଆଖି ଯୁଗଳରେ
କିନ୍ତୁ କାହାର ଅପେକ୍ଷାରେ ବାରମ୍ବାର
ଝର୍କା ସେ ପାଖେ ଆଉ ନଜର ଯାଉ ନଥାଏ ।

ଏକାନ୍ତତା ସହ ଅଭ୍ୟସ୍ତ ହୋଇ ଗଲା ପରେ
କାହା ଆଗରେ ନିଜ ଆବେଗର ପ୍ରମାଣ
ଦେବାକୁ ପଡ଼ି ନଥାଏ...
ସ୍ୱପ୍ନ, ଭାବନା, ଜୀବନ, ପରିକଳ୍ପନା
ସବୁଥିର ଚାବି କାଠି ନିଜ ହାତରେ ରହିଥାଏ ।

କାହାର ଅଳ୍ପ ସମୟ ପାଇବା ଆଶାରେ
ନିଜ ମୂଲ୍ୟବାନ ସମୟ ଗୁଡ଼ିକର
ବାଜି ଲଗାଇବାକୁ ପଡ଼ି ନଥାଏ...
ମନକୁ ଅନ୍ୟ ହାତରେ ଭଙ୍ଗେଇ
ଦୁଃଖର ପାହାଡକୁ ତକିଆ କରି
ଶୋଇବାକୁ ପଡ଼ି ନଥାଏ ।

ଅନ୍ୟର ନିଷ୍ପତ୍ତିକୁ ବାଧ୍ୟତା ସହ
ସ୍ୱୀକାର କରିବାକୁ ପଡ଼ିନଥାଏ
ଏକାନ୍ତତା ମଣିଷର ସିକୁଳିକୁ ଭାଙ୍ଗି
ସ୍ୱାଧୀନତାର ପର ଲଗାଇ ଥାଏ ।

*ସାଗୁନଭାଡ଼ି, ନୂଆପଡ଼ା*
*ଦୂରଭାଷ : ୮୪୫୭୯୦୫୬୪୩*



## ବିକଳ୍ପ

**ବର୍ଷାରାଣୀ**

ଅପେକ୍ଷା ବି ଖୁବ୍ ଚମତ୍କାର
ଆସୁଥିବା ଲୋକ ପ୍ରତି ଲୋଭ ନ ଥିବା କଥା
ପ୍ରେମ ବି ଖୁବ୍ ସୁନ୍ଦର
ବାସ୍ ପ୍ରେମିକ କି ପ୍ରେମିକାକୁ
ନିଜର କରିନପାରିବାର
ଗ୍ଲାନି ଘାରୁଥିବା କଥା
ଆହୁରି ବି ପ୍ରେମ ଚମତ୍କାର
ହୋଇଥିବ ଯଦି ତାହା ଏକତରଫା
ତମକୁ ଭୁଲିଯିବା ବି କେଡ଼େ ସହଜ
ତମେ ଆଉ କାହା ପ୍ରେମ ଅଗଣାର ପ୍ରେମ ପକ୍ଷୀ
ହୋଇ ଖୁସିରେ ଉଡ଼ି ପାରୁଥିବା କଥା..
ହେଲେ ସତ କହୁଛି ମୁଁ ଭୁଲି ପାରିବିନି
ଯଦି ତମେ କେଉଁଠି ଏକା ବସି କାନ୍ଦୁଥିବ
ଅସହାୟ ହୋଇ
ତମର ମନେ ଅଛି ?
ତମେ କହୁଥିଲ ନା କେବେ ଯଦି ତତେ ଏକା
ଲାଗିବ
ଜାଣିବୁ ମୁଁ ବି ଏକା ଭୋଗୁଥିବି ସମୟ ଟିଏ ।
ହସିବା ବି କେଡ଼େ ସହଜ
ଆଖିରୁ ଲୁହ ଯଦି ସରିଯାଇଥିବ
ଜିଇଁବାଟା ବି କେତେ ସୁନ୍ଦର
ବାସ୍ ହରାଇବାକୁ ପାଖରେ କିଛି ନ ଥିବା
ଦରକାର
ହାରିଯିବା ବି ସହଜ
ନିଜର ଲୋକଟେ ଜିତିବାକୁ ଅଳି କରେ ଯଦି
ମୁଁ ପ୍ରତିଥର ମରିବା ଟା ବି ବାଁ ହାତର ଖେଳ
ତୁମର ସେ ଛୁରୀ ମରା କଥା ମୋ ହୃଦୟକୁ
ଟୁକୁଡ଼ା କରିପାରୁଥିବା କଥା
ଆଉ କବିତା ଲେଖିବା ବି ମୋ ପାଇଁ ଶେଷ
ବିକଳ୍ପ
ଲୁହ ଠୁଁ ବି ଅନ୍ତରଙ୍ଗ କେହି ଜଣେ ମତେ ଲୁହ
ଉପହାର ଦେଇଥିବା କଥା ।

*ବରଗଡ଼*

## ଝିଅ


**ମୂଳ ହିନ୍ଦୀ - ପ୍ରଫେସର ରଣଯୋଧ ସିଂହ**
**ଅନୁବାଦ - ପ୍ରଭାତ କୁମାର ମହାପାତ୍ର**



ସେ ସମୟରେ ପ୍ରଭାତର ନୂଆ ନୂଆ ବିବାହ ହୋଇଥିଲା। ତାଙ୍କ ସ୍ତ୍ରୀ ଶିକ୍ଷା ବିଭାଗରେ ଜଣେ କଳା ଶିକ୍ଷୟିତ୍ରୀ ଥିଲେ। ସେ ସିମଲାରୁ ଚାଳିଶ କିଲୋମିଟର ଦୂରରେ ଏକ ଛୋଟ ଗାଁରେ କାମ କରୁଥିଲେ। ପ୍ରଭାତ ନିଜେ ସିମଲାରେ ଏକ ସରକାରୀ ଚାକିରି କରୁଥିଲେ। ପାହାଡ଼ ତଳେ ତାଙ୍କର ଏକ ଛୋଟ ଘର ଥିଲା, ଯେଉଁଠାରେ ସେ ତାର ପିତାମାତାଙ୍କ ସହ ଏକ ସୁଖମୟ ଜୀବନ ବିତାଉଥିଲା। ପ୍ରଭାତ ର ଅନିଚ୍ଛା ସତ୍ତ୍ୱେ, କର୍ମ କ୍ଷେତ୍ରକୁ ଯିବା ପାଇଁ ତାକୁ ପ୍ରତିଦିନ ପାହାଡ଼ ଭିତରକୁ ଅଶୀ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବାକୁ ପଡୁ ଥିଲା। ଫଳସ୍ୱରୂପ, ସେ ତାର ପିତାମାତାଙ୍କ ପ୍ରତି ଅପାର ସ୍ନେହ ଥିଲେ ମଧ୍ୟ ସେମାନଙ୍କ ଯତ୍ନ ଠିକ୍ ଭାବରେ ନେଇ ପାରିଲା ନାହିଁ। ତେଣୁ, ସେ ପ୍ରାୟତଃ ମଝିରେ ମଝିରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ବିଷୟରେ ପଚାରି ବୁଝୁ ଥିଲା। ଦିନେ ଅପରାହ୍ନରେ, ଯେତେବେଳେ ସେ ଘରକୁ ଫେରି ଦେଖିଲା ଯେ ତାର ମାଆଙ୍କ ଆଖିରୁ ପାଣି ବାହାରୁଛି। ଜଣାପଡିଲା ତାଙ୍କ ଦୃଷ୍ଟିଶକ୍ତି ଖରାପ ହୋଇଯାଇଛି, ଏବଂ ଡାକ୍ତର ତାଙ୍କୁ ତୁରନ୍ତ ଚଷମା ବଦଳାଇବାକୁ ପରାମର୍ଶ ଦେଇଛନ୍ତି। ତାର ମାଆ ଏହି କାମରେ ପ୍ରଭାତ ସହିତ ଯିବାକୁ ଚାହୁଁଥିଲେ। ସେ ତୁରନ୍ତ ତା ମା ଙ୍କୁ ତା ସହିତ ଚଷମା ଡାକ୍ତରଙ୍କ ପାଖକୁ ନେଇଗଲା। 'ଗତକାଲି ଟେଲିଭିଜନରେ ଏକ ଭଲ ସିନେମା ଚାଲି ଥିଲା। ତୁ ତାହା ଦେଖିଛୁ ?' ମାଆ ଆକସ୍ମିକ ଭାବରେ ପ୍ରଭାତକୁ ହଠାତ୍ ପଚାରି ଦେଲେ ।ପ୍ରଭାତ ଏକ ମୃଦୁ ହସ ହସି ନକାରାତ୍ମକ ଭାବରେ ମୁଣ୍ଡ ହଲାଇଲା। ଗୋଟିଏ ସମୟ ଥିଲା ଯେତେବେଳେ ପ୍ରଭାତ ର ଏକମାତ୍ର କାମ ଥିଲା ବୁଲିବା ଏବଂ ଟେଲିଭିଜନ ଦେଖିବା। ଯାହାହେଉ, ସିମଲାର ଲୋକମାନେ ବହୁତ ଆରାମଦାୟକ। ସରକାରୀ କର୍ମଚାରୀ ହୁଅନ୍ତୁ କିମ୍ବା ଖାଣ୍ଟି ବ୍ୟବସାୟୀ, ଧନୀ ହୁଅନ୍ତୁ କି ଗରିବ, ବୃଦ୍ଧ ହୁଅନ୍ତୁ କି ଯୁବକ, ସମସ୍ତଙ୍କର ଭ୍ରମଣ ପ୍ରତି ଏକ ବିଶେଷ ଆଗ୍ରହ ଅଛି। ତେଣୁ ପ୍ରଭାତ କିପରି ବ୍ୟତିକ୍ରମ ହୋଇପାରିବ ? ଅନ୍ୟମାନଙ୍କ ପରି, ସେ ଶିମଲାର ଥଣ୍ଡା ପବନ ଏବଂ ତାଙ୍କ ବନ୍ଧୁ ପରିସରକୁ ପୂର୍ଣ୍ଣ ଭାବରେ ଉପଭୋଗ କରୁଥିଲା।



ସେ ତା ବନ୍ଧୁମାନଙ୍କ ସହିତ ଚା ଦୋକାନରେ ବସି ଗପସପ କରୁଥିଲା, ଏବଂ ରାତିରେ ଘରକୁ ପ୍ରତ୍ୟେକ ଟେଲିଭିଜନ କାର୍ଯ୍ୟକ୍ରମ ଦେଖିବା ପାଇଁ ଆସୁଥିଲା। କିନ୍ତୁ ବିବାହ ତା ଜୀବନଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏବେ ସେ ପ୍ରତିଦିନ ବସ୍ ଯୋଗେ ଅଶୀ କିଲୋମିଟର ଯାତ୍ରା କରୁଛି, କ୍ଳାନ୍ତ ହୋଇ ଘରକୁ ଆସିଲେ, ରାତ୍ରୀ ଭୋଜନ ସମୟରେ ଶୋଇପଡୁଛି, ଏବଂ ତା'ପରେ ପରବର୍ତ୍ତୀ ଯାତ୍ରା ପାଇଁ ସକାଳ ପାଞ୍ଚଟାରେ ଉଠିଯାଉଛି। ପାହାଡିଆ ରାସ୍ତା ପ୍ରାୟତଃ ଲମ୍ବା ହୋଇଥାଏ ଏବଂ ଚାଲିବା ଏକ ଆବଶ୍ୟକତା। ତେଣୁ, ସମୟ ବିତାଇବା ପାଇଁ, ମାଆ ଟେଲି ଫିଲ୍ମର ଏକ କାହାଣୀ ବର୍ଣ୍ଣନା କରିବା ଆରମ୍ଭ କରି ଦେଲେ। କାହାଣୀଟି ଏକ ସତର ବର୍ଷୀୟ ଝିଅର। ତା ପରିବାର ସଦସ୍ୟମାନେ ରକ୍ଷଣଶୀଳ ଦୃଷ୍ଟିକୋଣକୁ ପୋଷଣ କରନ୍ତି। ସେମାନେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଝିଅର ପ୍ରକୃତ ପରିଚୟ ହେଉଛି ଘରର ସମସ୍ତ କାମ କରିବା। ତେଣୁ, ପ୍ରତ୍ୟେକ ଝିଅକୁ ରୋଷେଇ କରିବା, ବାସନକୁସନ ସଫା କରିବା ଏବଂ ପିଲାମାନଙ୍କୁ ପାଳନ ପୋଷଣ କରିବାରେ ତାଲିମ ନେବା ଉଚିତ ଏବଂ ଯଥାଶୀଘ୍ର ବିବାହ କରିବା ଉଚିତ। ତେଣୁ,ସେ ଝିଅକୁ ଉଚ୍ଚଶିକ୍ଷା ପାଇଁ ତାଙ୍କ ପରିବାର ସହିତ କଠିନ ସଂଘର୍ଷ କରିବାକୁ ପଡ଼ିଲା। *(କ୍ରମଶଃ)*



ଏକମାତ୍ର
EKAMAATRA
ପ ରି କ୍ର ମା
ଭୁବନେଶ୍ୱର, ୧୬ ଫେବୃଆରୀ - ୨୨ ଫେବୃଆରୀ, ୨୦୨୬




# ଦ୍ୱୈତସହର ଆଁରେ ବଳିପଡୁଛି ପୁରାତନ ଐତିହ୍ୟ

**ଭୁବନେଶ୍ୱର :** ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଜନସଂଖ୍ୟାରେ ଦ୍ରୁତ ବେଗରେ ବଢ଼ୁଥିବା ବେଳେ ବର୍ତ୍ତମାନ ଭୁବନେଶ୍ୱର ଓ କଟକ ସହର ସମେତ ଆଖପାଖ ବିସ୍ତୃତ ଅଞ୍ଚଳ ମଧ୍ୟ ପ୍ରବଳ ବେଗରେ ସହରୀକରଣ ହେବାରେ ଲାଗିଛି। ବୈଷୟିକ ଓ ଭୌଗୋଳିକ ଦୃଷ୍ଟିକୋଣରୁ ଏହା ଉଚିତ ମନେ ହେଉଥିଲେ ବି ଏହି ଦୁଇ ସହର ମଧ୍ୟରେ ହଜାର ହଜାର ବର୍ଷ ତଳର ଐତିହାସିକ କିମ୍ବଦନ୍ତୀ, କୀର୍ତ୍ତିରାଜି ମାନ ସହରୀକରଣ ଆଁରେ ବଳି ପଡିବାରେ ଲାଗିଛି। ଅତୀତରେ ଏକଦା ଭୁବନେଶ୍ୱର ରାଜପ୍ରାସାଦର ରାଜଧାନୀ ଥିବା ଐତିହାସିକ ବୃତଙ୍ଗଦେବ ଯାହା ବହୁବର୍ଷ ପର୍ଯ୍ୟନ୍ତ ଗଙ୍ଗବଂଶର ରାଜାମାନଙ୍କ ଦ୍ୱାରା ଅଧିକୃତ ଶାସନ କେନ୍ଦ୍ର ବା ରାଜଧାନୀ ଥିଲା ତାହା ସରକାରଙ୍କ ଅଗୋଚରରେ ବ୍ରିଟିଶ ଶାସନର ଅନ୍ତ ପରେ ସେହି ହଜାର / ଲକ୍ଷ ଏକର ପରିମିତ ଜଙ୍ଗଲ ଜମି ଯାହା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ତାହା ଆଜି ଭୂଲୁଣ୍ଠିତ ହେବା ସହ କିଛି ଜମି ମାଫିଆଙ୍କ କବଳରେ ଅଧିକୃତ ହେବା ସହ ବହିରାଗତ ମୁସଲିମ / ଅଣମୁସଲିମ ବାଂଲାଦେଶୀ ଲୋକଙ୍କ ଦ୍ୱାରା ଅନାୟସରେ ଜବରଦସ୍ତ ବହୁ ବର୍ଷ ହେବ ରହି ଆସୁଅଛି। ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଆବାସସ୍ଥଳୀର ପ୍ରାକୃତିକ ଶୋଭାମୟୀ ନନ୍ଦନକାନନର ଚତୁପାର୍ଶ୍ୱ ମଧ୍ୟ ଜମି ଦଲାଲଙ୍କ କବଳରେ ରହିଗଲାଣି। 'ବୃତଙ୍ଗ' ପ୍ରଶାସନ ଅନତିଦୂରରେ ପ୍ରାଚୀ ହାଇଲେବଲର ଅପରପାର୍ଶ୍ୱରେ ଥିବା ପ୍ରାକୃତିକ ପାହାଡଟିଏ ଯାହାର କ୍ଷେତ୍ରଫଳ ଏକଶହ ଏକରରୁ ଅଧିକ ହେବ ଏବଂ ସରକାରଙ୍କ ଜମି ତା'ର ଚତୁପାର୍ଶ୍ୱ ମଧ୍ୟ ଜମି ମାଫିଆଙ୍କ ହାତରୁ ନିସ୍ତାର ପଡିନି।

ନନ୍ଦନକାନନ ପରି ଏକ ପ୍ରାକୃତିକ ବୃକ୍ଷଲତା, ବାଲି, ପଥର ପାହାଡରେ ଭରପୁର ଥିବା ଏହି ଜମି ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ବଣଭୋଜି ସ୍ଥଳୀ ହେବା ସହ ଏଠାରେ ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ନାନାପ୍ରକାରର 'ମୟୂର' ମାନଙ୍କ ଆବାସସ୍ଥଳୀଟିଏ କରାଗଲେ ନନ୍ଦନକାନନ, ସିଂହ ସଫାରୀ, ବୃତଙ୍ଗ ଗଡକୁ ନେଇ ଏକ ଗୋଲାକାର ପର୍ଯ୍ୟଟନସ୍ଥଳୀ କରାଗଲେ ରାଜ୍ୟ ରାଜସ୍ୱ ବୃଦ୍ଧି ପାଇବା ସହ ପର୍ଯ୍ୟଟକଙ୍କ ପାଇଁ ଏକ ସୁଖକର ମୁକ୍ତ ଭ୍ରମଣ କ୍ଷେତ୍ର ହୋଇପାରିବ ବୋଲି ଜନସାଧାରଣ ଦାବି କରି ଆସୁଛନ୍ତି। ଏହାଦ୍ୱାରା ବିସ୍ତୃତ ବାରଙ୍ଗ ଅଞ୍ଚଳର ଜନତା ଜୀବିକା ସଂଗ୍ରହ ସହ ଆର୍ଥିକ ଲାଭ ଉଠାଇବାରେ ସମର୍ଥ ହେବେ। ବାରଙ୍ଗର ବୁଦ୍ଧିଜୀବୀ, ସାଧାରଣ ଜନତା, ଲୋକ ପ୍ରତିନିଧି ଗଣ ଏ ଦିଗରେ ସଘନ ଦୃଷ୍ଟିପାତ କଲେ ବାରଙ୍ଗର ଗୌରବମୟ ଇତିହାସ ଆହୁରି ସମୃଦ୍ଧ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଛତୁଆ ବଣ୍ଟନରେ ବୈମାତୃକ ମନୋଭାବ

**ଭଦ୍ରକ :** ଗତ ନଭେମ୍ବର ୨୫ ଠାରୁ ଜାନୁଆରୀ ୨୬ ପର୍ଯ୍ୟନ୍ତ ବନ୍ତ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଯଥା ସମୟରେ ଛତୁଆ, ଚଣା, ମୁଢ଼ି ଇତ୍ୟାଦି ପହଞ୍ଚି ପାରିନାହିଁ। ଯଦ୍ୱାରା ଉପଭୋକ୍ତାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ଛୁଆ ପ୍ୟାକେଟ୍, ମୁଢ଼ି ପ୍ୟାକେଟ୍, ଚଣା ପ୍ୟାକେଟ୍‌ରେ ଓଜନ କମ ତଥା ନିମ୍ନମାନର ସାମଗ୍ରୀ ଯୋଗାଇ ଦିଆଯାଇଛି। ବାରମ୍ବାର ବୈଦ୍ୟୁତିକ ଗଣମାଧ୍ୟମ ତଥା ବିଭିନ୍ନ ସମ୍ବାଦପତ୍ର ମାଧ୍ୟରେ ଅଭିଯୋଗ କଲେ ମଧ୍ୟ ତା'ର କୌଣସି ସୁଫଳ ମିଳିପାରିନାହିଁ। ବନ୍ତ ଆଇସିଡିଏସ୍‌ରେ ଥିବା ସମସ୍ତ ୨୩୮ ଅଙ୍ଗନବାଡି କେନ୍ଦ୍ରରେ ପ୍ରତିମାସ ଶେଷ ପରିବର୍ତ୍ତେ ପରବର୍ତ୍ତୀ ମାସରେ ବଣ୍ଟନ କରାଯାଉଅଛି, ଯାହାକି ନିୟମ ବହିର୍ଭୁତ ଅଟେ। ସମସ୍ତ ପ୍ୟାକେଟରେ ଓଜନ ଠକେଇ, ମୁଢ଼ି ପ୍ୟାକେଟରେ ଆବଶ୍ୟକ ପରିମାଣର ଚଣା ଏବଂ ବାଦାମ ମିଶା ଯାଇନାହିଁ। ଅନ୍ୟ ଆଇସିଡିଏସ୍ ଯୋଗାଣକାରୀ ସଂସ୍ଥା ବନ୍ତ ଆଇସିଡିଏସ୍‌କୁ ବୈମାତୃକ ମନୋଭାବ ରଖି ଖାଦ୍ୟ ସାମଗ୍ରୀ ଯୋଗାଉଛନ୍ତି। ଏହାର ବିହିତ ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି।

## ଯୁବତୀଙ୍କୁ ଗର୍ଭବତୀ କରି ଯୁବକ ଗିରଫ

**ଲକ୍ଷ୍ମୀପୁର :** ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ସାତ ମାସ ଗର୍ଭବତୀ କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ଲକ୍ଷ୍ମୀପୁର ପୋଲିସ। ଯୁବତୀଙ୍କ ଘର ଭାଲୁଯୋଡି ଗ୍ରାମ ହୋଇଥିବା ବେଳେ ଯୁବକ ଜଣକ ତଳ ଦୋରା ସାହିର ବୋଲି ଜଣାପଡିଛି। ଅନେକ ଦିନ ହେଲାଣି ଦୁହେଁ ପ୍ରେମ ସମ୍ପର୍କରେ ରହି ଆସୁଥିଲେ। ଗର୍ଭବତୀ ହେବା ପରେ ବିବାହ କରିବାକୁ ଯୁବକ ଜଣଙ୍କ ମନା କରିବାରୁ ଯୁବତୀ ଜଣକ ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ୨୨/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତ କାରି ଅଫିସର ରଞ୍ଜିତ ମିଶ୍ର ପ୍ରକାଶ କରିଛନ୍ତି।

## ଅଧା ବାଟରେ ଶିଶୁ କନ୍ୟା ମୃତ

**ଲକ୍ଷ୍ମୀପୁର :** ରାୟଗଡାରୁ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ଆମ୍ବୁଲାନ୍ସରେ ଯାଉଥିବା ବେଳେ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଖବର ମୁତାବକ କାଶୀପୁର ବ୍ଲକ୍ ଚରନି ମାରିଭଟା ଗ୍ରାମର ରମେଶ ଝଡ଼ିଆଙ୍କ ସ୍ତ୍ରୀଙ୍କୁ କାଶୀପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବିଶେଷଜ୍ଞ ଡାକ୍ତର ସେଠାରେ ନଥିବାରୁ ତାଙ୍କୁ ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସେଠାରୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ତ୍ରୀ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଜନ୍ମ ହେବାର କିଛି ଘଣ୍ଟା ପରେ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ବିଗିଡି ଥିଲା। ନିଶ୍ୱାସ ନେବାରେ ତାକୁ ଅସୁବିଧା ହେଉଥିବା ଦେଖି ସେଠାକାର ଡାକ୍ତର ରମେଶଙ୍କୁ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ଶିଶୁ କନ୍ୟାକୁ ନେବାପାଇଁ ପରାମର୍ଶ ଦେଇଥିଲେ। ହେଲେ ଅଧା ବାଟରେ ଶିଶୁ କନ୍ୟାର କାନ୍ଦ ବନ୍ଦ ହେବା ଦେଖି ୧୦୮ ଆମ୍ବୁଲାନ୍ସ ଚାଳକ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁ କନ୍ୟାକୁ ମୃତ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ତଦନ୍ତ ...

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ପାଣ୍ଡିଆନଙ୍କର ରୋମ୍ ରହଣି ସମୟର କୌଣସି ହୋଟେଲ ବିଲ୍ କାହାରି ପାଖରେ ନାହିଁ। ସେ ତତକାଳୀନ ମୁଖ୍ୟମନ୍ତ୍ରୀଙ୍କ ସହ ଗୋଟିଏ ରୁମରେ ରହୁଥିଲେ କି ନାହିଁ କିମ୍ବା ଅନ୍ୟ କେଉଁଠି ରହୁଥିଲେ? ଜାପାନ ଗସ୍ତ ସମୟରେ କେତେକ ଦିନର କାର୍ଯ୍ୟସୂଚୀ କାହିଁକି ଗାଏବ କରାଯାଇଥିଲା। ସରକାରୀ ସ୍ତରରେ ଏହାର କୌଣସି ରେକର୍ଡ ନଥିବାବେଳେ ବାହାର ସଂସ୍ଥା ଦ୍ୱାରା ହୋଟେଲ ବୁକିଂ ହେବା ଏକ ବଡ଼ ଦୁର୍ନୀତି ଆଡ଼କୁ ଇସାରା କରୁଛି। ଏହି ଗସ୍ତଗୁଡ଼ିକ ବ୍ୟକ୍ତିଗତ ନା ସରକାରୀ କାମ ହୋଇଥିଲା, ତାହା ସ୍ପଷ୍ଟ କରିବାକୁ ସରକାରଙ୍କ ନିକଟରେ ଓସା ଦାବି କରିଛି। ଓସା ଅଭିଯୋଗ କରିଛି ଯେ, ନବୀନ ଓ ପାଣ୍ଡିଆନ ଏକ ସ୍ୱତନ୍ତ୍ର ଫ୍ଲାଇଟରେ କାହିଁକି ବିଦେଶ ଗସ୍ତ କରିଥିଲେ। ସିଙ୍ଗାପୁର ଦେଇ ଆସିବାବେଳେ ପ୍ରାୟ କୋଟିଏରୁ ଅଧିକ ଟଙ୍କାର ଭଡ଼ା ସ୍ପେଶାଲ୍ ଫ୍ଲାଇଟ୍ ବାବଦରେ ଖର୍ଚ୍ଚ ହୋଇଛି। ଏହି ବିମାନ ବୁକିଂର ତଥ୍ୟ ରାଜ୍ୟ ପରିବହନ ବିଭାଗ ପାଖରେ ନାହିଁ। ଓଡ଼ିଶାର ଟଙ୍କା କେଉଁଠି ଓ କିଭଳି ଖର୍ଚ୍ଚ ହୋଇଛି, ତାହା ଜାଣିବାର ଅଧିକାର ସମ୍ପୂର୍ଣ୍ଣ ଭାବେ ରାଜ୍ୟବାସୀଙ୍କ ରହିଛି। ସେହି ପ୍ରଶ୍ନ ବିଧାନସଭାରେ ଉଠାଇବାକୁ ବିଧାୟକମାନଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି। ଏହି ସମଗ୍ର ଘଟଣାରେ ସ୍ୱଚ୍ଛତା ଆଣିବା ପାଇଁ ଓସା ପକ୍ଷରୁ ମୁଖ୍ୟ ସଚିବ, ପୁଲିସ ଡିଜି ଓ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠି ଲେଖି ତଦନ୍ତ ନିମନ୍ତେ ଅନୁରୋଧ କରାଯାଇଛି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବ ସରକାର ସମୟରେ ହୋଇଥିବା ଏହି ରହସ୍ୟମୟ ଖର୍ଚ୍ଚର ହିସାବ ସରକାରୀସ୍ତରରେ ଲୁଚାଇ ଦିଆଯାଇଛି। ଯାହାକି ଏକ ଗୁରୁତର ଅପରାଧ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ରାଜ୍ୟବାସୀଙ୍କ ନିକଟରେ ବାସ୍ତବ ତଥ୍ୟ ରଖିବାକୁ ଓସା କର୍ମକର୍ତ୍ତାମାନେ ଦାବି କରିଛି।

### ଏଣିକି ଜମି ...

ଏହି ନୂଆ ବ୍ୟବସ୍ଥାରେ ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁରକ୍ଷା ବ୍ୟବସ୍ଥା। ଯଦି କେହି ଜାଲିଆତି କରି ଜମି ବିକ୍ରି ପାଇଁ ପ୍ରୟାସ କରେ, ତା'ହେଲେ ସମ୍ପୃକ୍ତ ଜମି ଥିବା ଅଞ୍ଚଳର ଆରଆଇ (ରାଜସ୍ୱ ନିରୀକ୍ଷକ) ଓ ତହସିଲଦାରଙ୍କ ପାଖକୁ ଆଲର୍ଟ ମେସେଜ୍ ପଳାଇବ। ଏହାଦ୍ୱାରା ବେଆଇନ କାରବାର ସମ୍ପର୍କରେ ପ୍ରଶାସନ ସଙ୍ଗେସଙ୍ଗେ ଅବଗତ ହୋଇପାରିବ ଓ ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସୁଯୋଗ ପାଇପାରିବ। ଏହି ବ୍ୟବସ୍ଥା ଜମି କିଣାବିକାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ। କେବଳ ଏହି କ୍ୟୁଆର କୋଡଯୁକ୍ତ ଜମି ପଟ୍ଟା ନୁହେଁ, ବିଭାଗ ପକ୍ଷରୁ ଖୁବଶୀଘ୍ର ରାଜ୍ୟବ୍ୟାପୀ ଜମି ସର୍ବେକ୍ଷଣ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସରକାରୀ ଓ ଘରୋଇ ଜମିର ସୀମା ନିର୍ଦ୍ଧାରଣ ଏହି ସର୍ବେକ୍ଷଣ ମାଧ୍ୟମରେ କରାଯିବ। ପୂର୍ବରୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଜମିର ବର୍ତ୍ତମାନର ସ୍ଥିତି ଓ ଉପଯୋଗ ସମ୍ପର୍କରେ ମଧ୍ୟ ସଠିକ୍ ଡାଟାବେସ୍ ସରକାରଙ୍କ ପାଖରେ ଉପଲବ୍ଧ ହୋଇପାରିବ। ଯାହାଫଳରେ ସରକାରୀ ଜମିର ସୁପରିଚାଳନା ଓ ଶୃଙ୍ଖଳିତ ଢଙ୍ଗରେ ଉପଯୋଗ କ୍ଷେତ୍ରରେ ଉତ୍ତରଦାୟିତ୍ୱ ରହିପାରିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜସ୍ୱ ବିଭାଗରେ ଦୁର୍ନୀତି ଓ ଲାଞ୍ଚ କାରବାର ବନ୍ଦ ନିମନ୍ତେ ଚଳିତ ସପ୍ତାହକ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ହ୍ୱାଟସଅପ୍ ନମ୍ବର ଜାରି କରି ତାଙ୍କ ସହ ସିଧାସଳଖ ଯୋଗାଯୋଗ ପାଇଁ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିବାବେଳେ ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଗ୍ରହଣ କରାଯାଇଛି ବୋଲି ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ ମଧ୍ୟ ବିଭାଗୀୟ କର୍ମଚାରୀ ଓ ଅଫିସରଙ୍କୁ ସତର୍କ କରାଇଛନ୍ତି।

### ପୁଲିସ ବଜେଟ୍ ...

ସୂଚନା ଅନୁସାରେ, ରାଜ୍ୟ ସରକାର ପୁଲିସର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୯୩୮.୦୩କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରିଥିଲେ। କିନ୍ତୁ ସେଥିମଧ୍ୟରୁ ୭୮୪.୦୮ କୋଟି ଟଙ୍କା ରିଲିଜ୍ ହୋଇଛି ଓ ସେଥିରୁ ମାତ୍ର ୩୬୨.୦୩ କୋଟି ଟଙ୍କା ଖର୍ଚ୍ଚ କରିବାରେ ରାଜ୍ୟ ପୁଲିସ ସକ୍ଷମ ହୋଇଛି। ୨୦ତାରିଖରେ ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବାକୁ ଯାଉଥିବାବେଳେ ଫେବୃୟାରୀ ୨୭ତାରିଖ ପରେ ଆଉ ବଜେଟ୍ ଅର୍ଥ ଖର୍ଚ୍ଚ ନକରିବାକୁ ଅର୍ଥ ବିଭାଗ ତାଗିଦ୍ ପଠାଇସାରିଛି। ଏଭଳି ସ୍ଥିତିରେ ଓଡ଼ିଶା ପୁଲିସ ମାତ୍ର ୪୬.୧୬ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି, ଯାହାକି ଓଡ଼ିଶା ପୁଲିସ ଇତିହାସରେ ଗୋଟିଏ ଆର୍ଥିକ ବର୍ଷରେ ସବୁଠୁ କମ୍ ବୋଲି କୁହାଯାଉଛି। ରାଜ୍ୟରେ ମହିଳା ନିର୍ଯାତନା ଓ ହିଂସା ମାମଲାକୁ ନେଇ ରାଜ୍ୟ ସରକାରଙ୍କୁ କ୍ରମାଗତ ସମାଲୋଚନା ଶିକାର ହେବାକୁ ପଡୁଥିବାବେଳେ ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ 'ସୁଭଦ୍ରା ସୁରକ୍ଷା ଯୋଜନା'ର ୫୨.୬୬କୋଟି ଟଙ୍କାର ପାଣ୍ଠିରୁ ମାତ୍ର ଟଙ୍କାଟିଏ ବି ଓଡ଼ିଶା ପୁଲିସ ଖର୍ଚ୍ଚ କରିବାରେ ସକ୍ଷମ ହୋଇପାରିନାହିଁ। କେବଳ ସୁଭଦ୍ରା ସୁରକ୍ଷା ଯୋଜନା ନୁହେଁ, ରାଜ୍ୟର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଯୋଜନା ପାଇଁ ଆବଣ୍ଟିତ ଅର୍ଥରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରିନାହିଁ। ଆଭ୍ୟନ୍ତରୀଣ ସୁରକ୍ଷା ସିସିଟିଭି ପାଇଁ ୭୬ କୋଟି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ପୋଲିସିଂ ପାଇଁ ୧୦ କୋଟି ଓ ସାଇବର ସୁରକ୍ଷା ପାଇଁ ୨୦ କୋଟି ଟଙ୍କାର ବ୍ୟୟବରାଦ ବଜେଟରେ ହୋଇଥିଲେ ମଧ୍ୟ ଏଥିରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ। ପୁଲିସ ପାଖରେ ପାଣ୍ଠି ଥାଇ ମଧ୍ୟ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ଓ ବିଭିନ୍ନ ଉପକରଣ କ୍ରୟ ପାଇଁ ପୁଲିସ ମୁଖ୍ୟାଳୟ ଆନ୍ତରିକତା ଦେଖାଇନଥିବା ଜଣାପଡ଼ିଛି। ପୁଲିସ କର୍ମଚାରୀଙ୍କ ପାଇଁ ବାସଭବନ ହେଉ ଅବା ଥାନା ନିର୍ମାଣ ଆଦି ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ୩୭୩ କୋଟି ଟଙ୍କା ମଧ୍ୟରୁ ମାତ୍ର ପ୍ରାୟ ୧୯୪କୋଟି ଟଙ୍କା ଖର୍ଚ୍ଚ କରିବାକୁ ଓଡ଼ିଶା ପୁଲିସ ସକ୍ଷମ ହୋଇଛି। ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ମୁଖ୍ୟ ସୌମେନ୍ଦ୍ର ପ୍ରିୟଦର୍ଶୀ ନିଜେ ପୁଲିସ ବିଭାଗର ବଜେଟ୍ ଆବଣ୍ଟନ ଦାୟିତ୍ୱରେ ରହିଛନ୍ତି। ସମଗ୍ର ପୁଲିସ ବିଭାଗର ବଜେଟ ଦାୟିତ୍ୱରେ ଥାଇ ମଧ୍ୟ ସୌମେନ୍ଦ୍ର ପୁଲିସ କର୍ମଚାରୀ ଓ ଥାନାଗୁଡ଼ିକ ପାଇଁ ଆବଣ୍ଟିତ ୩୭୩ କୋଟି ଟଙ୍କାରୁ ମାତ୍ର ୫୨ ପ୍ରତିଶତ ପାଣ୍ଠି ଖର୍ଚ୍ଚ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହା କେବଳ ପ୍ରଶାସନିକ ଶିଥିଳତା ନୁହେଁ ବରଂ ଥାନା ଓ ଗ୍ରାଉଣ୍ଡରେ ଥିବା ପୁଲିସ୍ କର୍ମଚାରୀଙ୍କୁ ଉପଯୁକ୍ତ ବାସଗୃହ ଓ ସୁବିଧାରୁ ବଂଚିତ କରାଯାଇଥିବା ଚର୍ଚ୍ଚା ହେଉଛି।

### ଖସିଲା ଓଡ଼ିଶାର ...

ମୁଦ୍ରାସ୍ଫୀତି ସର୍ବାଧିକ ୪.୯୨% ରହିଛି। ୨୦୧୨କୁ ମୂଳ ବର୍ଷ ଧରି ପୂର୍ବରୁ ମିଳିଥିବା ତଥ୍ୟକୁ ୨୦୨୪କୁ ମୂଳ ବର୍ଷ ଧରି ଆସିଥିବା ତଥ୍ୟ ସହ ସିଧାସଳଖ ତୁଳନା କରାଯାଇପାରିବ ନାହିଁ। ଏଥିପାଇଁ ୦.୫୨%ର ଏକ ଲିଙ୍କ୍ ଫ୍ୟାକ୍ଟରକୁ ନେବାକୁ ପଡ଼ିବ କହିଛି ମନ୍ତ୍ରଣାଳୟ। ଉଦାହରଣସ୍ୱରୂପ, ନୂଆ ସିରିଜରେ ଯେଉଁଠି ମୁଦ୍ରାସ୍ଫୀତି ୨.୭୫% ଅଛି, ତାହା ପୁରୁଣାରେ ୨.୫୫% ହୋଇଯିବ। ମାସିକ ମୁଦ୍ରାସ୍ଫୀତିରେ କେଉଁ ଦୈନନ୍ଦିନ ସାମଗ୍ରୀକୁ କେତେ ଗୁରୁତ୍ୱ ଦିଆଯିବ ତାହାକୁ ୨୦୨୫ ଜାନୁଆରୀ ମାସରେ ପ୍ରକାଶ ପାଇଥିବା ଘରୋଇ ଖାଉଟି ଖର୍ଚ୍ଚ ସର୍ଭେ: ୨୦୨୩-୨୪କୁ ଦୃଷ୍ଟିରେ ରଖି ନିଆଯାଇଛି। ଏଥିରେ ବର୍ତ୍ତମାନ ଘରର ଖର୍ଚ୍ଚ ଧାରାକୁ ଆଖି ଆଗରେ ରଖି ପଦ୍ଧତି ପ୍ରସ୍ତୁତ କରାଯାଇଛି। ଯେମିତି ଆଗରୁ ସିପିଆଇ-୨୦୧୨ର ବର୍ଗୀକରଣରେ ୧୦୦ ମାର୍କ ଭିତରେ ଫଖାଦ୍ୟ ଓ ପାନୀୟ' ଗ୍ରୁପକୁ ୪୨.୪୬% ରଖାଯାଇଥିବାବେଳେ ଏବେ ସିପିଆଇ-୨୦୨୪ର ବର୍ଗୀକରଣରେ ୩୬.୭୫% ରଖାଯାଇଛି। ଜାତିସଂଘ ୨୦୧୮ରେ ତିଆରି କରିଥିବା ଫ୍ରେମଓ୍ୱାର୍କ- ସିଓଆଇସିଓପି (ଉଦ୍ଦେଶ୍ୟ ଅନୁସାରେ ବ୍ୟକ୍ତିଗତ ବ୍ୟବହାରର ବର୍ଗୀକରଣ) ଆଧାରରେ ଏଭଳି କରାଯାଇଥିବା କୁହାଯାଇଛି। ଅନ୍ୟପଟରେ ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ଡିଜିଟାଲ୍ ସେବା ଭଳି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସର୍ଭେ ଭିତରେ ଭିଡିଓ ଷ୍ଟ୍ରିମିଙ୍ଗ୍, ଓଟିଟି ସେବାକୁ ଯୋଡ଼ା ଯାଇଥିବାବେଳେ ଡିଭିଡି, ଟେପ ରେକର୍ଡ ଭଳି ପୁରୁଣା ଆଇଟମ୍‌କୁ ନମୁନାରୁ କାଟି ଦିଆଯାଇଛି। ବର୍ତ୍ତମାନ ସର୍ଭେରେ ଦ୍ରବ୍ୟ ସଂଖ୍ୟା ୨୯୯ରୁ ୩୫୮କୁ ବୃଦ୍ଧି ପାଇଥିବାବେଳେ ସେବା ସଂଖ୍ୟା ୪୦ରୁ ୫୦କୁ ବୃଦ୍ଧି ପାଇଛି। ଏବେ ନମୁନା ସଂଗ୍ରହକୁ ଡିଜିଟାଲ କରାଯାଇଛି। ଦେଶର ସିପିଆଇ-୨୦୨୪ ସିରିଜ୍ରେ ୨୮୬୦ଟି ଅଞ୍ଚଳରୁ ଅର୍ଥାତ୍ ୧୪୬୫ ଗ୍ରାମାଞ୍ଚଳ ବଜାର ଓ ୧୩୯୫ ସହରାଞ୍ଚଳ ବଜାରରୁ ମାସିକ ନମୁନା ନିଆଯାଉଛି। ଏଣିକି ପ୍ରଥମ ଥର ପାଇଁ ଅନଲାଇନ ମାର୍କେଟରୁ ଲୋକେ କ'ଣ କିଣୁଛନ୍ତି ତାର ମୂଲ୍ୟକୁ ସାପ୍ତାହିକ ଭାବେ ସାମିଲ କରାଯାଉଛି। ବର୍ତ୍ତମାନ ୨୫ ଲକ୍ଷରୁ ଅଧିକ ଲୋକ ବାସ କରୁଥିବା ୧୨ଟି ସହରରୁ ୧୨ଟି ଅନଲାଇନ୍ ମାର୍କେଟର ମୂଲ୍ୟକୁ ବି ନମୁନା ଭାବେ ସାମିଲ କରାଯାଉଛି। ଏଥର ପ୍ରଥମ ଥର ପାଇଁ ସହରାଞ୍ଚଳ ବ୍ୟତୀତ ଗ୍ରାମାଞ୍ଚଳରେ ଚାଲିଥିବା ଘର ଭଡ଼ାର ନମୁନାକୁ ବି ସାମିଲ କରାଯାଇଛି। ଏଥିରେ ମନ୍ତ୍ରଣାଳୟର ଫିଲଡ ଅପରେସନ୍ ଡିଭିଜନର ପ୍ରାୟ ୧୦ ହଜାର ଗଣନାକାର (ଏନୁମରେଟର)ଙ୍କୁ ସାମିଲ କରାଯାଇଛି।

### ଓଡ଼ିଶାର ଶିଳ୍ପାୟନକୁ ...

ଏହି ବୈଠକର ନିଷ୍ପତ୍ତି ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି। ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ସୁଶ୍ରୀ ଆବୋଲି ସୁନୀଲ ନରଭାଣେ ଓ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍ୱଚ୍ଛତା, ସମୟବଦ୍ଧ ନିଷ୍ପତ୍ତି ଓ ସକ୍ରିୟ ସହଯୋଗ ଉପରେ କମିଟି ନିଜର ପ୍ରତିବଦ୍ଧତା ଦୋହରାଇଛି, ଯାହା ଓଡ଼ିଶାର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜବୁତ କରିବ ବୋଲି ବୈଠକରେ ଉପସ୍ଥିତ ଅଧିକାରୀମାନେ ମତ ରଖିଛନ୍ତି। ଏହି ପଦକ୍ଷେପ ନିଶ୍ଚିତ ଭାବେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ଦେବ ବୋଲି ମଧ୍ୟ କୁହାଯାଉଛି।

### ଦୟନୀୟ ସ୍ଥିତିରେ ...

କାର୍ଯ୍ୟକାଳ ସରିବାର ୩ମାସ ପୂର୍ବରୁ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବେ। କିନ୍ତୁ ସରକାର ଏ ଦିଗରେ ଆନ୍ତରିକତା ଦେଖାଇନାହାନ୍ତି। ଓଲଟା ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହେବା ଓ ଚଳିତ ଫେବୃୟାରୀ ମାସ ଶେଷ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇନଥିବା ଜଣାପଡ଼ିଛି। ଯଦିଓ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ ପାଇଁ ଆଇନଗତ ଅସଙ୍ଗତିର ଆଳ ଦେଖାଇଥିଲେ ସରକାର। ୨୦୧୪ ଲୋକାୟୁକ୍ତ ଆଇନରେ ସର୍ଚ୍ଚ କମିଟି ଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ କିଛି ତ୍ରୁଟି ରହିଛି, ଯାହାର ସଂଶୋଧନ ଆବଶ୍ୟକ ବୋଲି ହାଇକୋର୍ଟରେ ସରକାର ଯୁକ୍ତି ବାଢ଼ିଥିଲେ। ମାତ୍ର ଏହି ସଂଶୋଧନ ପାଇଁ ପ୍ରକ୍ରିୟା ଆରମ୍ଭ ନକରି କାହିଁକି ଦୁଇବର୍ଷ ଧରି ଏହାକୁ ପଙ୍ଗୁ କରି ରଖାଯାଇଛି ତାହା ମଧ୍ୟ ସନ୍ଦେହଘେରରେ। ରାଜ୍ୟରେ ଦୁଇ ଶୀର୍ଷ ସାମ୍ବିଧାନିକ ସଂସ୍ଥା ଏବେ ଏକପ୍ରକାର ଅଚଳ ହୋଇ ପଡ଼ିଥିବାରୁ ଦୁର୍ନୀତିଖୋର ଓ ସ୍ୱେଚ୍ଛାଚାରୀ ନେତା-ଅଫିସରମାନେ ଅଧିକ ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି। ଦୁର୍ନୀତି ବିରୋଧରେ ଜିରୋ ଟଲେରାନ୍ସର କଥା କହୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ 'ଲୋକଙ୍କ ସରକାର' କାହିଁକି ଦୁଇ ସାମ୍ବିଧାନିକ ସଂସ୍ଥା ଲୋକାୟୁକ୍ତ ଓ ଓଡ଼ିଶା ମାନବାଧିକାର ଆୟୋଗରେ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ନେବାରେ ବିଳମ୍ବ କରୁଛନ୍ତି, ତାହା ବି ଅସ୍ପଷ୍ଟ। ଯଦି ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧି ଓ ପ୍ରଶାସକଙ୍କ ବିରୁଦ୍ଧରେ ଅଭିଯୋଗର ଶୁଣାଣି ପାଇଁ ଉପଯୁକ୍ତ ମଞ୍ଚ ନରହିବ, ତେବେ ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ ରହିବ କିଭଳି ଓ କିଏ ୱାଚଡଗ୍ ସାଜିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି?

### କେଉଁଠି ପ୍ରକଳ୍ପ ...

ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି ସରକାର। ଏଥିପାଇଁ ସରକାର ୫୪ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଉ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସେହିଭଳି, ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨ ହଜାର ୯୫୧ଟି ସିଙ୍ଗିଲ୍ ଭିଲେଜ ପ୍ରଜେକ୍ଟ, ୨ ହଜାର ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ ଏବଂ ୨୬ ହଜାର ୧୩୭ଟି ନଳକୂପ ସ୍ଥାପିତ ହୋଇଛି।

## ବେସିକ୍ ସାଇନ୍ସ ୧୯୭୮ ବ୍ୟାଚର ବନ୍ଧୁ ମିଳନ



**ଭୁବନେଶ୍ୱର :** ଏ ବର୍ଷ ଗତ ରବିବାର ଭୁବନେଶ୍ୱର ସ୍ଥିତ ବେସିକ୍ ସାଇନ୍ସ କଲେଜ ୧୯୭୮ ଇଣ୍ଟରମିଡିଏଟ ସାଇନ୍ସ ବ୍ୟାଚ ତରଫରୁ ଗୋଟିଏ ବନ୍ଧୁମିଳନ ଓ ବଣଭୋଜି ନାକା ଗେଟ୍ ଛକ 'ଖଣ୍ଡଗିରି ଫଳ ଉଦ୍ୟାନ' ପ୍ରାଙ୍ଗଣରେ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ୮୦ ଜଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛନ୍ତି।କାର୍ଯ୍ୟକ୍ରମ ଆରମ୍ଭରେ ଦିବଂଗତ ବନ୍ଧୁ ଏବଂ ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତା ପରେ ନିଜ ନିଜର ପରିଚୟ ପ୍ରଦାନ କରିବା ସହ ବିଭିନ୍ନ ପ୍ରକାରର କଉଡିକିଆ ଖେଳର ବ୍ୟବସ୍ଥା କରାଯାଇଥିଲା ଯାହା ନୀଲୁ ପଟ୍ଟନାୟକ ଏବଂ ବିଜୟ ପ୍ରଧାନ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ମହାପାତ୍ର ଏବଂ ଦିଲ୍ଲୀପ ସାହୁ ପଦ୍ୟାବୃତ୍ତି କରିଥିଲେ। ମହିଳା ମାନେ ସମସ୍ତ କାର୍ଯ୍ୟ କ୍ରମରେ ବିଶେଷ ଭାବେ ଭାଗ ନେଇଥିଲେ। ଭୋଜି ସମେତ ସମସ୍ତ କାର୍ଯ୍ୟକ୍ରମ ଦୟାନିଧି ନାୟକ ଏବଂ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ଏବଂ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ସର୍ବଶେଷରେ ସଙ୍ଗଠକମାନଙ୍କୁ ତଥା ବହୁଦୂରରୁ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିବା ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## 'ସତ୍ୟ ଓ ନ୍ୟାୟର ମାର୍ଗରେ ଚାଲ'



**ଟିଟିଲାଗଡ଼ :** ସିରୋଳସ୍ଥିତ ତପୋବନ ଏକାଡେମୀ ପକ୍ଷରୁ ସତସ୍ତରୀତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତପସ୍ୱିନୀ ଦାଶ ଜାତୀୟ ପତାକା ଉତ୍ତୋଳନ କରି ଆଗାମୀ ପିଢିଙ୍କୁ ସତ୍ୟ ଓ ନ୍ୟାୟର ମାର୍ଗରେ ଯିବାକୁ ଉତ୍ସାହିତ କରିଥିଲେ। ସହନଶୀଳତା ମାଧ୍ୟମରେ ଆମେ ସାରା ଜଗତ ଜିଣି ପାରିବା ବୋଲି କହିଥିଲେ। ଅତିରିକ୍ତ ଅଧ୍ୟକ୍ଷ ଭୁଲେଶ୍ୱର ଛତର ଓ ସହକାରୀ ଅଧ୍ୟକ୍ଷ ସ୍ମିତା ପଣ୍ଡା ବିଭିନ୍ନ ପ୍ରକାରର ପ୍ରତିଯୋଗିତାମୂଳକରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ତପୋବନ ଏକାଡେମୀର ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ଦୁଇ ଦିନିଆ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା



**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆରେ ଦୁଇ ଦିନ ଧରି ଚାଲିଥିବା ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତା ରେ ବ୍ଲକର ୧୩ ଟି ପଞ୍ଚାୟତ ର ବିଭିନ୍ନ ବିଦ୍ୟାଳୟରୁ ୧୨୩ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ପ୍ରଥମ ଦିନ ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ଓ ବୌଦ୍ଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ନେଇ ମିନି ଷ୍ଟାଡିୟମରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିବା ବେଳେ ଉଦଯାପନ ଦିନ ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆଙ୍କ ନେତୃରେ ଅସୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକା ଯୋଗ ଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ପିଡ଼ିକା, ବିଡ଼ିଓ ମିନତୀ ଯଗଦେବ, ଜି.ପି.ଡି.ଓ ଅମିର ଅକ୍ଷୟ କୁମାର ପ୍ରଧାନ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ, ଜିଲ୍ଲା ଶିକ୍ଷକ ସଂଘ ସହ ସମ୍ପାଦକ ସଞ୍ଜୟ କୁମାର ସିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏଇ କ୍ଷେତ୍ରରେ ଦୌଡ ପ୍ରତିଯୋଗୀତା, ଅଖା ଡ଼ିଆଁ, ଚୌକି ଖେଳ, ସଟ ପୁଟ, ହାଇ ଜମ୍ପ, ଲଙ୍ଗ ଜମ୍ପ, ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପରି ୨୦ଟି ପ୍ରତିଯୋଗିତାରେ ଭାଗ ନେଇ ଥିବା ୬୦ଜନ ପ୍ରତିଯୋଗୀଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଶିକ୍ଷକ ପ୍ରଶାନ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରତିଯୋଗିତା ପରିଚାଳନା ରେ ସହଯୋଗ କରିଥିଲେ।

## ପ୍ରେସ କ୍ଲବ ପକ୍ଷରୁ ନୂତନ ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ଗୋପ ଥାନାକୁ ବଦଳି କରାଯାଇଥିବା ବେଳେ ସେହିସ୍ଥାନରେ ନୂତନ ଭାବେ ବିଦିତା ନାୟକ ଯୋଗଦେଇଛନ୍ତି। ବୁଧବାର ଦିନ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ପକ୍ଷରୁ ସଭାପତି ଶରତ ପରିଡ଼ାଙ୍କ ନେତୃତ୍ୱରେ ନୂତନ ଥାନା ଅଧିକାରୀଣି ଶ୍ରୀମତୀ ନାୟକଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ପ୍ରମୋଦ ଦାସ, ମମତା ଜେନା, ଅରୁଣ କୁମାର ବିଶ୍ୱାଳ, ଅନିଲ୍ ବାରିକ, ପ୍ରଶାନ୍ତ ଜେନା, ଦେବେନ୍ଦ୍ର ବିଶ୍ୱାଳ, ପ୍ରିୟବ୍ରତ ମୁଦୁଲି, ସାମାଜିକ ଗଣମାଧ୍ୟମର ସଂଯୋଜକ ଅଲେଖ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବଜାର ପାଳିହାଟରେ ଟ୍ରାଫିକ ସମସ୍ୟା ଓ ବେଆଇନ୍ ନିଶା କାରବାର ଆଦି ସମସ୍ୟା ଉପୁଜୁଥିବା ସମ୍ପର୍କରେ ଅବଗତ କରାଯାଇଥିଲା।

**ମାର୍ଚ୍ଚ ୨୭ରେ ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ**

## ଜମିବ ଦେଶୀ ବିଦେଶୀ ଶିଳ୍ପୀଙ୍କ ସମାଗମ



**ଭୁବନେଶ୍ୱର :** ଆସନ୍ତା ମାର୍ଚ୍ଚ ୨୭ ତାରିଖରୁ ଐତିହାସିକ ଧଉଳି ପାଦଦେଶରେ ଆୟୋଜିତ ହେବାକୁ ଯାଉଛି ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ, ବାଂଲାଦେଶ, ଭିଏତନାମ, କୋରିଆ ଓ ଇରାକ ପରି ବିଭିନ୍ନ ଦେଶରୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରିବେ। ଏହି ମହୋତ୍ସବରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା, ପାରମ୍ପରିକ କଳା ଓ ଇନଷ୍ଟଲେସନ ଆର୍ଟର ଏକ ନିଆରା ପ୍ରଦର୍ଶନୀ ଆୟୋଜନ କରାଯିବ। ବିଶେଷ କରି ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ସହ ଆଧୁନିକ ଇନଷ୍ଟଲେସନ ଆର୍ଟ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ। ଏହି ଅବସରରେ ବରିଷ୍ଠ ଶିଳ୍ପୀଙ୍କୁ ସମ୍ମାନିତ କରାଯିବା ସହିତ କୃତି ଯୁବ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ ଓ ପ୍ରତିଦିନ ସନ୍ଧ୍ୟାରେ କଳାତ୍ମକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହେବ। ଏହା ସହିତ କୋମଳମତି ଶିଶୁ ମାନଙ୍କ ଚିତ୍ର ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ଏକ ସ୍ୱତନ୍ତ୍ର ଶିଶୁ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୫୦୦ ଶିଶୁ ଚିତ୍ରଶିଳ୍ପୀ ଭାଗନେବେ ବୋଲି ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି। ବିଶ୍ୱ ସ୍ତରୀୟ ଶିଳ୍ପୀଙ୍କ ସହ ଆମ ରାଜ୍ୟର ଶିଳ୍ପୀଙ୍କ କଳା ବିନିମୟ ପାଇଁ ଏହା ଏକ ପ୍ରକୃଷ୍ଟ ମଞ୍ଚ ହେବ। ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଶିଳ୍ପୀମାନେ ଚଳିତ ମାସ ୨୮ ତାରିଖ ସୁଦ୍ଧା ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଛବି ଦାଖଲ କରିବାପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ସାମଲ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।






**ପ୍ରେମାନନ୍ଦ ପାଣିଗ୍ରାହୀ**



# ଶ୍ରୀକପିଳାସ ଜାଗର

ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ହେଉଛି କପିଳାସ । କୈଳାସ ପର୍ବତମାଳା ପରେ କପିଳାସ ପର୍ବତମାଳାକୁ ଭଗବାନ ଶିବଙ୍କର ଦ୍ୱିତୀୟ ବାସସ୍ଥାନ ବୋଲି କୁହାଯାଏ । ସମୁଦ୍ର ପତ୍ତନ ଠାରୁ ୨୨୩୯ ଫୁଟ ଉପରେ ଅବସ୍ଥିତ ମନ୍ଦିରକୁ ଯିବା ପାଇଁ ପର୍ବତର ପାଦଦେଶରୁ ୧୩୫୨ଟି ପାହାଚ ରହିଥିବାବେଳେ ଯାନବାହନ ଯିବା ପାଇଁ ବାରବାଙ୍କ ବିଶିଷ୍ଟ ପକ୍କା ରାସ୍ତା ରହିଛି । କପିଳ ମୁନି ଏହି ମହାପୀଠରେ ସାଧନା କରି ସିଦ୍ଧିଲାଭ କରିଥିବାରୁ ଏହାର ନାମ କପିଳାସ ହୋଇଛି ବୋଲି କିମ୍ବଦନ୍ତୀ ରହିଛି। କେହିକେହି କୁହନ୍ତି, ଏହି ପୀଠ କପିଳମାନଙ୍କର ବିଳାସସ୍ଥଳ ହୋଇଥିବାରୁ ଏହାର ନାମ କପିଳାସ। ପୁରାଣ ତଥ୍ୟ ଅନୁଯାୟୀ ଏକଦା ଲଙ୍କାଧିପତି ରାବଣ ମହାଦେବଙ୍କୁ ଲଙ୍କାଗଡରେ ନେଇ ରଖିବାକୁ ମନସ୍ଥ କରି କୈଳାସ ପର୍ବତକୁ ବଳପୂର୍ବକ ଉପାଡି



ଶୂନ୍ୟରେ ନେଇଯାଉଥିବା ବେଳେ ଧ୍ୟାନମଗ୍ନ ମହାଦେବଙ୍କର ଧ୍ୟାନଭଗ୍ନ ହେଲା। ମହାଦେବ ରାବଣ ଉପରେ ଚାପ ପକାଇବାରୁ ରାବଣକୁ ଅତ୍ୟନ୍ତ କଷ୍ଟ ହେଲା ଏବଂ ସେ ଶିବ ତାଣ୍ଡବ ଗାନ କରି ମହାଦେବଙ୍କୁ ସନ୍ତୁଷ୍ଟ କଲା ଓ କୈଳାସ ପର୍ବତର କିଛି ଅଂଶ ଶୂନ୍ୟରୁ ଧରାକୁ ଖସି ପଡିଲା। ଉତ୍କଳ ଭୂମିରେ ପତିତ ହୋଇଥିବା କୈଳାସର ଏହି ଅଂଶ ଦ୍ୱିତୀୟ କୈଳାସ ଭାବରେ ସୁଖ୍ୟାତି ଅର୍ଜନ କଲା । ବାରଣାସୀର ରାଜା ସୌଦାସ ପ୍ରଭୁ ସଦାଶିବଙ୍କ ଆଜ୍ଞା ପାଇ କପିଳାସ ଠାରେ ସାଧନା କରି ସିଦ୍ଧିଲାଭ କରିଥିଲେ । ବିଶ୍ୱାସ କରାଯାଏ ଯେ,ରାଜା ସୈଦାସଙ୍କ ପ୍ରତି କୃପା କରି ପ୍ରଭୁ ମହେଶ୍ୱର ଏହି ଶିବରାତ୍ରୀରେ କପିଳାସରେ ଲିଙ୍ଗ ରୂପରେ ଶିଖରେଶ୍ୱର ନାମ ଧାରଣ କରି ଆବିର୍ଭୁତ ହୋଇଥିଲେ। ପରବର୍ତ୍ତି କାଳରେ ସେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର ନାମରେ ପୂଜା ପାଉଛନ୍ତି। ପୁରୀର ଗଙ୍ଗବଂଶୀ ରାଜା ଅନଙ୍ଗଭୀମଦେବଙ୍କ ସୁଯୋଗ୍ୟ ସନ୍ତାନ ଲାଙ୍ଗୁଳା ନରସିଂହଦେବ ରାଜତ୍ୱର ଦଶମ ଅଙ୍କ ୧୨୪୬ ଖ୍ରୀଷ୍ଟାବ୍ଦ ବୈଶାଖ ଶୁକ୍ଳ ତ୍ରୟୋଦଶୀ ସୋମବାର ଦିନ ଶ୍ରୀଚନ୍ଦ୍ରଶେଖରଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ। ମାତ୍ର ଐତିହାସିକମାନଙ୍କର ସୂଚନା ଅନୁସାରେ ଅଷ୍ଟମ ଓ ନବମ ଶତାବ୍ଦିରେ କରମୂଳର ରାଜା ଏଠାରେ ଏକ ଛୋଟ ମନ୍ଦିର ନିର୍ମାଣ କରିବାର କିଛି ବର୍ଷ ପରେ ରାଜା ଲାଙ୍ଗୁଳା ନରସିଂହ ଦେବ ମନ୍ଦିରକୁ ପୁନଃ ନିର୍ମାଣ କରିଥିଲେ।

ମହାଶିବରାତ୍ରୀ କହିଲେ ବୁଝାଯାଏ ଯେଉଁ ରାତ୍ରୀଟି ସଂପୂର୍ଣ୍ଣ ଭାବରେ ଶିବଙ୍କ ପୂଜା ପାଇଁ ଉଦ୍ଦିଷ୍ଟ। ପ୍ରସିଦ୍ଧ ଶୈବପୀଠ କପିଳାସ ଜାଗରଯାତ୍ରା ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ସନ୍ଧ୍ୟା ବଢିବା ସହ ଶ୍ରଦ୍ଧାଳୁଙ୍କ ସମାଗମ ସେତିକି ବଢେ। ଶିବରାତ୍ରୀର ଚାରି ପ୍ରହରରେ ବିଶ୍ୱଶାନ୍ତି ସହିତ ପ୍ରତ୍ୟେକ ପ୍ରହର ବା ତିନି ଘଣ୍ଟାରେ ଶିବଙ୍କୁ ଅଭିଷେକ ବା ପୂଜା କରାଯାଏ । ବ୍ରାହ୍ମମୁହୁର୍ତ୍ତରୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଦୈନନ୍ଦିନ ନୀତି, ଷୋଡଶ ଉପଚାର ପୂଜା ଓ ସାୟଂ ଆରତୀ ଶେଷ ହେବା ପରେ ଜାଗରଯାତ୍ରାର ବିଶେଷ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୁଏ। ରାଜପୁରୋଧା ଓ ପୀଠ ପୁରୋଧାଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଥାଏ। ଶ୍ରୀଚନ୍ଦ୍ରଶେଖରଙ୍କୁ ଚାରିବେଦ ପାଠ କରାଯାଇ ଦୁଧ, ଦଧି, ଘୃତ, ମଧୁରେ ଚାରି ଥର ସ୍ନାନ କରାଯାଏ। ରାଜପୁରୋଧାଙ୍କ ଦ୍ୱାରା ବରଣ ହୋଇଥିବା ଚାରି ପୁରୋଧାଙ୍କ ଦ୍ୱାରା ଗୋଟିଏ ଲେଖାଏଁ ମୋଟ ଚାରି ପୂଜା କରାଯିବା ପରେ ସେବାୟତମାନେ ପୁରୋଧାମାନଙ୍କୁ ବରଣ କରି ମନ୍ଦିରକୁ ଆଣି ରୁଦ୍ରାଭିଷେକ କରନ୍ତି। ଷୋଡଶ ଉପଚାର ପୂଜାରେ ଶ୍ରୀଚନ୍ଦ୍ରଶେଖରଙ୍କ ଠାରେ ଷୋହଳଟି ଅଭିଷେକ କରାଯାଏ। କ୍ଷୀର, ଦହି, ଲହୁଣୀ, ମହୁ, ଆଖୁରସ, ପଇଡ, ମିଶ୍ରୀ, ଗୁଡ ପ୍ରଭୃତି ଘର୍ଷଣ ହୋଇ ତାହାକୁ ପଣା କରି ଷୋହଳଟି ଆଟିକାରେ ରଖାଯାଏ। କ୍ଷୀର, ପଇଡ, ମହୁ ଓ ପାଣିରେ ଷୋହଳଟି ଅଭିଷେକ କରାଯାଇଥାଏ।

ମହାଦେବଙ୍କ ଘର୍ଷଣ ନୀତି ସମ୍ପନ୍ନ ପରେ ମାଘ ସ୍ନାନ ନୀତି ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୁଏ। ରୁଦ୍ରାଭିଷେକ ପରେ ଯୋଗନିଦ୍ରାରୁ ଚନ୍ଦ୍ରଶେଖରଙ୍କୁ ଉଠାଯାଇ ନାଗାଭରଣ ବେଶରେ ଭୂଷିତ କରାଯାଏ । ଦିନବେଳା ଢେଙ୍କାନାଳ କୋଷାଗାରରେ ଗଚ୍ଛିତ ଥିବା ଆଭୁଷଣମାନ ଅଣାଯାଇ ଦେଓଗାଁ ସରଘର ଠାରେ ରଖାଯାଇଥିବା ବେଳେ ଶିବରାତ୍ରୀରେ ଏହି ଆଭୁଷଣଗୁଡିକୁ ଘଣ୍ଟ, କାହାଳି, ଛତ୍ର, ଚାମର ସହ ନାଗଭାରରେ ପୀଠକୁ ମହାସମାରେହରେ ଅଣାଯାଏ। ବନାରସି ପାଟ ଓ ସୁବର୍ଣ୍ଣକଚିତ ମେଖଳା ସେବକମାନେ ଚନ୍ଦ୍ରଶେକରଙ୍କୁ ପିନ୍ଧାଇଦିଅନ୍ତି । ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଠାରେ ରୂପାରେ ନିର୍ମିତ ପଞ୍ଚବକ୍ରମୁଣ୍ଡ ରଖାଯାଇ ଅଭିଷେକ ହୋଇଥାଏ। ଶ୍ରୀଚନ୍ଦ୍ରଶେଖରଙ୍କୁ ସୁନାର ପଇତା,ସୁନା ଦୁଦୁରାଫୁଲ, ସ୍ୱର୍ଣ୍ଣଚମ୍ପା, ଚନ୍ଦ୍ର, ମାଳା, ତ୍ରିଶୂଳ, ପଦ୍ମମାଳ, ନାଗ, ଗୟସ ପୁଷ୍ପରେ ମଣ୍ଡିତ କରାଯାଏ। ମା ପାର୍ବତୀଙ୍କୁ ଏକଶତସାତ ମୁଣ୍ଡମାଳ ସହ ନୂପୁର,କଙ୍କଣ,କିରିଟ ଲାଗି କରାଯାଇ ରାଜରାଜେଶ୍ୱରୀ ବେଶ ଓ ଚନ୍ଦ୍ରଶେଖରଙ୍କ ପୀଠ ପରିସରରେ ଥିବା ନୃସିଂହଙ୍କୁ ଜଗଦୀଶ୍ୱର ବେଶରେ ଭୂଷିତ କରାଯାଏ। ପାରମ୍ପରୀକ ରୀତିରେ ହରି ଓ ହରଙ୍କୁ ଗୋଟିଏ ସ୍ଥାନରେ ସ୍ଥାପନା କରାଯିବା ସହିତ ଶ୍ରଦ୍ଧାଳୁମାନେ ଚନ୍ଦ୍ରଶେଖରଙ୍କୁ ଭୋଗ ଅର୍ପଣ କରି





ଉଜାଗର ରହିଥାନ୍ତି । ଢେଙ୍କାନାଳ ରାଜପରିବାରର ସଦସ୍ୟମାନେ ତୃତୀୟ ପ୍ରହର ସ୍ନାନ ଓ ଚାରିପୂଜାରେ ଅଂଶଗ୍ରହଣ କରିଥାନ୍ତି। ସମଗ୍ର ପରିସର ପ୍ରଦୀପରେ ଆଲୋକିତ ହୋଇଉଠେ। ପୂଜାପଣ୍ଡାଙ୍କ ଦ୍ୱାରା ବେଢା ପୂଜା କରାଯାଇ ବେଢା ପରିକ୍ରମା ପରେ ରାତିର ଚତୁର୍ଥ ପ୍ରହରରେ ମନ୍ଦିରରୁ ମହାଦୀପ ବାହାରେ । ଦିବ୍ୟଜ୍ୟୋତି ସ୍ୱରୂପ ଏହି ମହାଦୀପକୁ ଦର୍ଶନ କରିବା ପାଇଁ ଭକ୍ତମାନେ ପ୍ରତୀକ୍ଷା କରିଥାନ୍ତି। ରୋଷ ପଟୁଆରରେ ମହାଦୀପ ତିନି ଥର ଶ୍ରୀଚନ୍ଦ୍ରଶେଖରଙ୍କ ମନ୍ଦିରକୁ ପ୍ରଦକ୍ଷିଣ କରିବା ପରେ ସେବାୟତ ମହାଦୀପକୁ ମନ୍ଦିର ଚୂଡାକୁ ଉଠାନ୍ତି । ଚୂଡାରେ ତିନିଥର ପରିକ୍ରମା କରି ଦୀପକୁ ସ୍ଥାପନା କରନ୍ତି। ଏହି ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ପ୍ରାଣଭରି ଉପଭୋଗ କରିଥାନ୍ତି। ମହାଦୀପ ଉଠିବା ବେଳେ ହରହର ମହାଦେବ,ଓଁ ନମଃ ଶିବାୟ ଧ୍ୱନିରେ ପକମ୍ପିତ ହୋଇଉଠେ। ସମଗ୍ର ସଂସାରରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିବା ହେଉଛି ମହଦୀପ ସମର୍ପଣର ଉଦ୍ଦେଶ୍ୟ । ଅଜ୍ଞାନ ଓ ଆଳସ୍ୟ ଭାବଦୂର କରି ଦିବ୍ୟପଥର ଯାତ୍ରୀ ହେବା ପାଇଁ ଦୀପ ଶିକ୍ଷା ଦିଏ।

ନାରାୟଣ ମନ୍ଦିରରୁ ନାରାୟଣଙ୍କ ବିଜେ ପ୍ରତିମା ଓ ଚନ୍ଦ୍ରଶେଖରଙ୍କ ମନ୍ଦିରରୁ ବିଜେ ପ୍ରତିମାଙ୍କୁ ପାରମ୍ପରିକ ରୀତିରେ ଗୋଟିଏ ସ୍ଥାନରେ ସ୍ଥାପନା କରାଯାଇ ହରିହର ଭେଟ କରାଯାଏ । ହୋମ ପରେ ପୂଜାପଣ୍ଡାଙ୍କ ଦ୍ୱାରା ନିତ୍ୟଧୂପ ଓ ପହଡ କରାଯାଏ। ଯୋଗୀଙ୍କ ଦ୍ୱାରା ଶ୍ରୀଚନ୍ଦ୍ରଶେଖରଙ୍କ ଯୋଗନିଦ୍ରା ଭଙ୍ଗ କରାଯିବା ପରେ ଯୋଗୀବେଶ କରାଯାଏ। ସକାଳେ ମନ୍ଦିର ସଫେଇ ଓ ଶ୍ରୀଚନ୍ଦ୍ରଶେଖରଙ୍କ ମାଘ ସ୍ନାନ ହୁଏ।

ଶିବରାତ୍ରୀ ଅବସରରେ ରାଜ୍ୟର ସୁଗାୟକମାନଙ୍କୁ ନେଇ କପିଳାସ ଶ୍ରୀଚନ୍ଦ୍ରଶେଖରଙ୍କ ମନ୍ଦିର ପରିସରରେ ସାରା ରାତି ଭଜନ ସମାରୋହ ଅନୁଷ୍ଠିତ ହୁଏ। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ଦେଓଗାଁ ଠାରୁ ମନ୍ଦିର ପର୍ଯ୍ୟନ୍ତ ବିପଣୀ ପସରା ମେଲାଇଥାନ୍ତି । କପିଳାସସ୍ଥ ବିଜ୍ଞାନ ଉଦ୍ୟାନ,ହରିଣ ପାର୍କ ଲୋକାରଣ୍ୟ ହୋଇଉଠେ। ଜାଗରଯାତ୍ରାରେ ଶାନ୍ତିଶଙ୍ଖଳା ରକ୍ଷା,ପରିମଳ ବ୍ୟବସ୍ଥା, ପୂଜାବିଧି ପରିଚାଳନା, ଯାନବାହନ ନିୟନ୍ତ୍ରଣ, ଜଳଯୋଗାଣ, ଆଲୋକ ବ୍ୟବସ୍ଥା ପାଇଁ ଢେଙ୍କାନାଳ ଜିଲ୍ଲାପାଳଙ୍କ ନେତୃତ୍ୱରେ ଗଠିତ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ ।

*ଭୁଷଳ,ଭୁବନ,ଢେଙ୍କାନାଳ*
ଦୂରଭାଷ : [illegible]

ଏକମାତ୍ର
ଅନୁଶାସନ ପରେ ଶାସନ
ଭୁବନେଶ୍ୱର, ୧୬ ଫେବୃଆରୀ - ୨୨ ଫେବୃଆରୀ, ୨୦୨୬





# ନରାଜରେ ପୁଲିସ ଆଉଟପୋଷ୍ଟ ଓ କ୍ୟାମ୍ପସରେ ବିଟ୍ ହାଉସ ସ୍ଥାପନ ପାଇଁ ନିର୍ଦ୍ଦେଶ



**କଟକ:** ଉଚ୍ଚଶିକ୍ଷା ଅନୁଷ୍ଠାନ ସୁରକ୍ଷା, ଗରିମା ଓ ବୌଦ୍ଧିକ ସ୍ୱତନ୍ତ୍ରତାର ସ୍ଥାନ ହୋଇ ରହିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନଏଲୟୁ) ପରିସରରେ ଓ ଏହାର ଆଖପାଖରେ ଏକ ଅନୁକୂଳ ଶୈକ୍ଷିକ ବାତାବରଣ ରକ୍ଷା ସହିତ ସୁରକ୍ଷା ଓ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ହାଇକୋର୍ଟ ଗାଇଡଲାଇନ ଜାରି କରିଛନ୍ତି। ଏନଏଲୟୁ ଛାତ୍ରଙ୍କୁ ଅପହରଣ ଓ ଅସଦାଚରଣ ଅଭିଯୋଗ ସଂପର୍କିତ ମାମଲାର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ନରାଜଠାରେ ପୁଲିସ ଆଉଟପୋଷ୍ଟ ସ୍ଥାପନ କରାଯିବା ସହ ସେଠାରେ ଜଣେ ସବ୍-ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ଓ ଯଥେଷ୍ଟ କର୍ମଚାରୀଙ୍କୁ ମୁତୟନ କରାଯିବ। ସେହିଭଳି ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବିଟ୍ ହାଉସ ସହ ୨୪ ଘଣ୍ଟିଆ ପୁଲିସ ମୁତୟନ ବ୍ୟବସ୍ଥା କରାଯିବା ଦିଗରେ ପଦକ୍ଷେପ ନେବା ପାଇଁ ପୁଲିସ କମିସନର ଓ କଟକ ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନଏଲୟୁର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅଧିକ ସୁରକ୍ଷାକର୍ମୀ, ପ୍ରମୁଖ ସ୍ଥାନରେ ସିସିଟିଭି କ୍ୟାମେରା, ଆଲୋକ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ। କ୍ୟାମ୍ପସରେ ଓ ଆଖପାଖ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡ଼ା କଡ଼ି କରାଯିବ। କ୍ୟାମ୍ପସ ଭିତରକୁ ନିଶାଦ୍ରବ୍ୟ ପ୍ରବେଶ ରୋକିବାକୁ ବ୍ୟାଗ୍ ଓ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବ। ସନ୍ଦେହ ହେଲେ ଛାତ୍ରଛାତ୍ରୀଙ୍କ 'ବ୍ରେଥଲାଇଜର ଟେଷ୍ଟ' ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। କ୍ୟାମ୍ପସରେ ଛାତ୍ରଛାତ୍ରୀ ଯେପରି ନିଷେଧ କରାଯାଇଥିବା ଦ୍ରବ୍ୟ ନ ଖାଆନ୍ତି ତାହା ସୁନିଶ୍ଚିତ କରିବା ପାଇଁ ନିୟମ ଅନୁସାରେ ହଷ୍ଟେଲ ପରିସର ଯାଞ୍ଚ କରିବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଯଦି କୌଣସି ଛାତ୍ରଛାତ୍ରୀ କ୍ୟାମ୍ପସ ଭିତରେ ନିଶା ସେବନ କରୁଥିବା ଧରାପଡ଼ନ୍ତି, ତେବେ ତୁରନ୍ତ ସେମାନଙ୍କ ଅଭିଭାବକଙ୍କୁ ଏ ନେଇ ସୂଚନା ଦିଆଯିବା ସହିତ ଉପଯୁକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ। ସଂଧ୍ୟା ସମୟରେ ସ୍ଥାନୀୟ ବଜାରକୁ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଓ ନିୟନ୍ତ୍ରିତ ଯାତାୟାତ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟ ସହରରୁ କ୍ୟାମ୍ପସକୁ ସ୍ୱତନ୍ତ୍ର ବସ ସେବାର ବ୍ୟବସ୍ଥା କରାଯିବ। ବ୍ୟକ୍ତିଗତ ନିରାପତ୍ତା, ବେଆଇନ କାର୍ଯ୍ୟର ଆଇନଗତ ପରିଣତି ଓ ଦାୟିତ୍ୱସଂପନ୍ନ ଆଚରଣ ପ୍ରସଂଗରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପର୍ଯ୍ୟାୟକ୍ରମେ ସଚେତନତା କାର୍ଯ୍ୟକ୍ରମ କରାଯିବ। ନିର୍ଯାତନା, ଭୟଭିତ କରିବା ବା ଦୁରାଚାର ଭଳି ଘଟଣା ସଂକ୍ରାନ୍ତରେ ବିନା ଭୟରେ ଛାତ୍ରଛାତ୍ରୀ ରିପୋର୍ଟ କରିବା ପାଇଁ ବ୍ୟବସ୍ଥା କରାଯିବ। ଆଇନଶିକ୍ଷା ପାଇଁ ଅନୁକୂଳ ତଥା ସୁରକ୍ଷିତ କ୍ୟାମ୍ପସ ପାଇଁ ଏହି ସବୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।




## ମହିଳା ଅପରାଧର ୨୦୨୪-୨୫ ବାର୍ଷିକ ରିପୋର୍ଟ

# ମହିଳା ବିରୋଧୀ ହିଂସାରେ ରାଜ୍ୟ ଦେଶରେ ସପ୍ତମ





**ଭୁବନେଶ୍ୱର :** ମହିଳା ଅପରାଧର ୨୦୨୪-୨୫ ବାର୍ଷିକ ରିପୋର୍ଟ ସାର୍ବଜନୀନ କଲେ ରାଜ୍ୟ ମହିଳା କମିଶନ। ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ୩୩ତମ ପ୍ରତିଷ୍ଠା ଦିବସରେ ଏହି ତଥ୍ୟ ରଖିଛନ୍ତି ରାଜ୍ୟ ମହିଳା କମିଶନ। ୨୦୨୪-୨୫ ଆର୍ଥିକ ବର୍ଷର ସଂଗଠିତ ମହିଳା ଅପରାଧ ନେଇ ରାଜ୍ୟବାସୀଙ୍କ ଆଗରେ ରଖିଲେ ତଥ୍ୟ। ୨୦୨୪-୨୫ଆର୍ଥିକ ବର୍ଷରେ ସମୁଦାୟ ୨୦୬୪ଟି ମହିଳା ଅପରାଧିକ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୧୮୭୯ଟି ମାମଲା ସମାଧାନ କରିବାରେ ସଫଳ ହୋଇଛନ୍ତି ମହିଳା କମିଶନ। ମହିଳା ଅପରାଧର ସବୁଠାରୁ ଶୀର୍ଷରେ ରହିଛି ଘରୋଇ ହିଂସା। ୮୫୨ ମାମଲା ମହିଳା କମିଶନଙ୍କ ନିକଟରେ ରୁଜୁ ହୋଇଛି। ଯୌତୁକ ଜନିତ ନିର୍ଯ୍ୟାତନା ଓ ପରିତ୍ୟାଗ ମାମଲା ୬୭୫ଟି ରୁଜୁ ହୋଇଥିବା ବେଳେ ସମାଧାନ ହୋଇ ପାରିଛି ୫୮୧ଟି। ରାଜ୍ୟରେ ସର୍ବମୋଟ ମହିଳା ଅଧିକାର ଉଲଂଘନ ହୋଇଛି ୧୮୨ଟି। ଅଶୋଭନୀୟ ଆଚରଣ ପ୍ରଦର୍ଶନ କ୍ଷେତ୍ରରେ ୧୩୭। ଯୌତୁକ ଜନିତ ହତ୍ୟା ୧୨, ସନ୍ଦେହ ଜନକ ମୃତ୍ୟୁ ୧୪,ଦୁଷ୍କର୍ମ ୨୪, ମିଥ୍ୟା ପ୍ରତିଶୃତି ଦେଇ ବିବାହ ସହ ପ୍ରତାରଣା ୩୦, ଅପହରଣ ୨୮, ଜମି ବିବାଦରୁ ମହିଳା ହିଂସା ୪୮, କର୍ମ କ୍ଷେତ୍ରରେ ନିର୍ଯାତନା ୨୫, ମହିଳାଙ୍କୁ ଖରାପ ବ୍ୟବହାର ୫ ସହ ଅନ୍ୟାନ୍ୟ ମହିଳାଙ୍କ ଉପରେ ହୋଇଥିବା ହିଂସା ୩୩ଟି ମହିଳା କମିଶନଙ୍କ ପାଖରେ ରୁଜୁ ହୋଇଥିବା ବେଳେ ସାଇବର ଅପରାଧ କ୍ଷେତ୍ରରେ ଶୂନ୍ୟ ରହିଛି। ମହିଳା ହିଂସାରେ ସବୁଠୁ ଆଗରେ ଭୁବନେଶ୍ୱର ରହିଛି। ବର୍ଷକ ମଧ୍ୟରେ ୨୯୮ଟି ମାମଲା ରୁଜୁ ହୋଇଛି। ତାପରକୁ କଟକ ୨୧୪, ଖୋର୍ଦ୍ଧା ୨୧୦, ପୁରୀ ୧୮୧, ଗଞ୍ଜାମ ୧୨୦, ଭଦ୍ରକ ୧୧୩ ସହ ଯାଜପୁରରେ ୧୦୩ଟି ମାମଲା ମହିଳା କମିଶନଙ୍କ ନିକଟରେ ପଞ୍ଜୀକୃତ ହୋଇଛି। ବିଜେଡି ସରକାର ସମୟରେ ଏନସିଆରବି ରିପୋର୍ଟରେ ଓଡିଶାର ଥିଲା ସାଙ୍ଘାତିକ ଚିତ୍ର। ମହିଳା ଅସଦାଚରଣରେ ଦେଶରେ ୪ ନମ୍ବର ସ୍ଥାନରେ ଥିଲା ଓଡ଼ିଶା। ମହିଳା ବିରୋଧୀ ଅପରାଧରେ ରାଜ୍ୟର ସ୍ଥାନ ଦେଶରେ ସପ୍ତମ। ଦୁଷ୍କର୍ମ ସହ ହତ୍ୟାରେ ରାଜ୍ୟର ସ୍ଥାନ ୪ ନମ୍ବରରେ। ସେହିପରି ଅପରାଧିକ ମାମଲା ବି ବଢିଥିଲା। ୨୦୨୨- ୨୩ ହଜାର ୬୪୮ ଟି ମହିଳା ବିରୋଧୀ ମାମଲା। ୨୦୨୨ରେ ରାଜ୍ୟରେ ୧୪ଟି ବଳତ୍କାର ସହ ହତ୍ୟା ମାମଲା। ଯାହାକି ଦେଶରେ ଚତୁର୍ଥ ସର୍ବାଧିକ। ମହିଳାଙ୍କୁ ଅସଦାଚରଣ ମାମଲା - ଦେଶରେ ୪ ନମ୍ବର। ୭ ହଜାର ୩୨୭ଟି ମହିଳାଙ୍କୁ ଅସଦାଚରଣର ସଂଘାତିକ ଅଭିଯୋଗ ହୋଇଥିଲା।

# ଖର୍ଚ୍ଚ କରିପାରିଲେନି; ଫେରିଯିବ ୨୩ ହଜାର କୋଟି

**ଭୁବନେଶ୍ୱର :** ଏଣିକି ଆଉ ବର୍ଷେ ନୁହେଁ, ତିନି ବର୍ଷିଆ ବଜେଟ ପ୍ରସ୍ତୁତ କରାଯିବ। ବଜେଟ ପ୍ରସ୍ତାବ ଦାଖଲ ସମୟରେ ଆଗାମୀ ୨୪ ମାସର ଯୋଜନାକୁ ଦୃଷ୍ଟି ଦେବା ଜରୁରୀ। ବଜେଟ ଅର୍ଥର ସୁବିନିଯୋଗ ଓ ଦୀର୍ଘ ମିଆଦି ଫଳାଫଳ ହାସଲ ପାଇଁ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ଏପରି ପରାମର୍ଶ ଦିଆଯାଇଛି। କିନ୍ତୁ ବଜେଟ ଅର୍ଥ ଖର୍ଚ୍ଚରେ ବାଧକ ଦୂର ହୋଇପାରୁନାହିଁ। ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ଖର୍ଚ୍ଚ ହୋଇପାରି ନଥିବା ୨୩ ହଜାର କୋଟିରୁ ଅଧିକ ଟଙ୍କା ଫେରିଯିବ। କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଉପରୋକ୍ତ ପାଣ୍ଠିକୁ ଫେରାଇବା ପାଇଁ ଚଳିତ ମାସ ୨୭ ପର୍ଯ୍ୟନ୍ତ ସମସ୍ତ ବିଭାଗକୁ ସମୟ ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଅହେତୁକ ବିଳମ୍ବ ସତ୍ତ୍ୱେ ତରବରିଆ ଭାବେ ବଜେଟ ପାଣ୍ଠି ଖର୍ଚ୍ଚ କରି ଧାର୍ଯ୍ୟ ଲକ୍ଷ୍ୟର ନିକଟବର୍ତ୍ତୀ ହୋଇଥିଲେ ଅଧିକାଂଶ ବିଭାଗ। ତେବେ ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ସୁଦ୍ଧା ବହୁ ବିଭାଗ ସର୍ବନିମ୍ନ ୬୦ ପ୍ରତିଶତ ଛୁଇଁ ନାହାନ୍ତି। ତେବେ ତାଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ବିଭିନ୍ନ ବିଭାଗ ୨୩,୫୫୦ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ଏହା କେବଳ କାର୍ଯ୍ୟକ୍ରମ ବ୍ୟୟ। ମୋଟାମୋଟି ପାଣ୍ଠିକୁ ମିଶାଇଲେ ଫେରସ୍ତ ହେବାକୁ ଥିବା ପାଣ୍ଠି ଢ଼େର ଅଧିକ ହେବ। ଅର୍ଥ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱାସ୍ଥ୍ୟ ବିଭାଗ ୧୧୫୩ କୋଟି ଓ ପଞ୍ଚାୟତିରାଜ ବିଭାଗ ୭୨୯୬ କୋଟି ଟଙ୍କା ଫେରାଇବ। ସେହିପରି ଜଳ ସମ୍ପଦ ବିଭାଗ ୨୭୨୨ କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ୨୨୫୭ କୋଟି, ଅର୍ଥ ବିଭାଗ ୧୯୪୨ କୋଟି,ନଗର ଉନ୍ନୟନ ବିଭାଗ ୮୩୩ କୋଟି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ୮୨୩ କୋଟି, ଗୃହ ବିଭାଗ ୭୨୯ କୋଟି, କ୍ରୀଡ଼ା ବିଭାଗ ୬୦୮ କୋଟି, ମହିଳା ଓ ଶିଶୁ ବିକାଶ ୫୨୮ କୋଟି, ମିଶନ୍ ଶକ୍ତି ୪୨୬ କୋଟି, ପୂର୍ତ୍ତ ବିଭାଗ ୪୧୨ କୋଟି, ଏମଏସ୍ଏମଇ ୨୫୨ କୋଟି ଟଙ୍କା ସରକାରଙ୍କୁ ଫେରାଇବେ। ଗତ ଡିସେମ୍ବର ୩୧ ସୁଦ୍ଧା ହୋଇଥିବା ଖର୍ଚ୍ଚରୁ ଉପରୋକ୍ତ ପାଣ୍ଠି ବଳକା ରହିଛି। କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଗୃହ ବିଭାଗ ୨୯%, ସ୍ୱାସ୍ଥ୍ୟ ବିଭାଗ ୫୩%, ଏସଟିଏସସି ବିଭାଗ ୪୪%, କ୍ରୀଡ଼ା ବିଭାଗ ମାତ୍ର ୫%, ପଞ୍ଚାୟତିରାଜ ବିଭାଗ ୨୮%, ଜଳସମ୍ପଦ ବିଭାଗ ୩୯%, ପରିବହନ ବିଭାଗ ୬୫%, ବନ ବିଭାଗ ୩୮%, ଇସ୍ପାତ ଓ ଖଣି ବିଭାଗ ୭%, ବିଜ୍ଞାନ ଓ କାରିଗରୀ ବିଭାଗ ୨୩%, ପର୍ଯ୍ୟଟନ ବିଭାଗ ୪୨%, ସରକାରୀ ଉଦ୍ୟୋଗ ବିଭାଗ ୩%, ମହିଳା ଓ ଶିଶୁ ବିକାଶ ୫୬%, ଗ୍ରାମ୍ୟ ଉନ୍ନୟନ ୪୮%, ବିଦ୍ୟାଳୟ ଓ ଗଣଶିକ୍ଷା ୪୫% ଅର୍ଥ ବ୍ୟୟ କରିପାରିଛନ୍ତି। ସାଧାରଣତଃ ପ୍ରଥମ ଓ ୨ୟ ତ୍ରୈମାସିକ ତୁଳନାରେ ୩ୟ ତ୍ରୈମାସିକରେ ଅଧିକ ଅର୍ଥ ବ୍ୟୟ କରିବାକୁ ହୋଇଥାଏ। ପୂର୍ବରୁ ବିଭାଗଗୁଡ଼ିକ ଆର୍ଥିକ ବର୍ଷର ଶେଷ ସମୟରେ ଅର୍ଥାତ୍ ମାର୍ଚ୍ଚରେ ବଳକା ପାଣ୍ଠି ଫେରସ୍ତ ଦେଉଥିଲେ। କିନ୍ତୁ ଏକ ସମୟରେ ପାଣ୍ଠି ଫେରିବାରୁ ସରକାର ଅଡୁଆରେ ପଡ଼ିଲେ। ତେଣୁ ପ୍ରତି ୩ ମାସ ପାଇଁ ବ୍ୟୟ ଲକ୍ଷ୍ୟ ଦିଆଯିବା ସହ ବଳକା ଅର୍ଥ ଫେରସ୍ତ କରିବା ବ୍ୟବସ୍ଥା ଲାଗୁ କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗର ବଜେଟ ବ୍ୟୟ ସମୀକ୍ଷା କରିବା ଅବସରରେ ଧାର୍ଯ୍ୟ ସମୟ ଭିତରେ ପାଣ୍ଠି ଖର୍ଚ୍ଚ କରିବା ପାଇଁ ଦୁର୍ବଳ ପ୍ରଦର୍ଶନ କରିଥିବା ବିଭାଗଗୁଡ଼ିକୁ ତାଗିଦ କରିଥିଲେ। କିନ୍ତୁ ବିଭିନ୍ନ କାରଣ ପାଇଁ ବଜେଟ ଅର୍ଥ ବ୍ୟୟ ସନ୍ତୋଷଜନକ ହୋଇପାରୁ ନାହିଁ।

# ଶିଳ୍ପ ପ୍ରକଳ୍ପରେ ପଶ୍ଚିମ ଓଡ଼ିଶାର ଅଧିକ ଜିଲ୍ଲାକୁ ସାମିଲ ଦାବି



**ଭୁବନେଶ୍ୱର :** ରାଜ୍ୟର ୧୧ ଜିଲ୍ଲାରେ ୪,୧୧୧.୮୦ କୋଟି ଟଙ୍କାର ୨୩ଟି ନିବେଶ ପ୍ରସ୍ତାବକୁ ଓଡ଼ିଶା ସରକାରଙ୍କ ଅନୁମୋଦନକୁ ଶିଳ୍ପ ଅଂଶୀଦାରମାନେ ସ୍ୱାଗତ କରିଛନ୍ତି। ତେବେ ଭୌଗୋଳିକ ଦୃଷ୍ଟିରୁ ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ପଶ୍ଚିମ ଓଡ଼ିଶାରେ ହେବାକୁ ଥିବାରୁ ଏ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ରାଜ୍ୟର ଶିଳ୍ପ ଅର୍ଥନୀତିରେ ବକ୍ସାଇଟ୍, ଲୁହା ଖଣିଜ ଓ ଶକ୍ତିର ପ୍ରାଥମିକ ଅବଦାନକାରୀ ହେବା ସତ୍ତ୍ୱେ ସଦ୍ୟତମ ଅନୁମୋଦନରେ ପଶ୍ଚିମ ଓଡ଼ିଶାର ସୀମିତ ଉପସ୍ଥିତି ରହିଛି। ଶିଳ୍ପ ସଂଗଠନଗୁଡ଼ିକର କହିବାନୁଯାୟୀ ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି ଏବଂ ବଲାଙ୍ଗୀର ପରି ଜିଲ୍ଲାଗୁଡ଼ିକ ପୂର୍ବରୁ ପ୍ରମୁଖ ଅପଷ୍ଟ୍ରିମ୍ ସମ୍ପତ୍ତିର ଅଧିକାରୀ। ଏଥିସହିତ ଡାଉନଷ୍ଟ୍ରିମ୍ ଉତ୍ପାଦନ, ଏମ୍ଏସ୍ଏମ୍ଇ ଏବଂ ମୂଲ୍ୟ-ସଂଯୋଜନ କ୍ଲଷ୍ଟର ପାଇଁ ପ୍ରାକୃତିକ ସ୍ଥାନ। ଭୌଗୋଳିକ ଦୃଷ୍ଟିରୁ ପ୍ରକଳ୍ପ ଆବଣ୍ଟନ ସନ୍ତୁଳିତ ହେବା ଆବଶ୍ୟକ। କଞ୍ଚାମାଲ ଏବଂ ଶକ୍ତି ଯୋଗାଣ କରୁଥିବା କ୍ଷେତ୍ରଗୁଡ଼ିକ ମଧ୍ୟ ଚାକିରି ଏବଂ ଉଦ୍ୟୋଗର କେନ୍ଦ୍ର ହେବା ଉଚିତ ବୋଲି ଏକ ଆଲୁମିନିୟମ୍-ସଂଯୋଜିତ ଏମ୍ଏସ୍ଏମ୍ଇ ସଂଘର ଜଣେ ବରିଷ୍ଠ ପ୍ରତିନିଧି କହିଛନ୍ତି। ବିଶ୍ଳେଷକମାନଙ୍କ ମତରେ ଅଧିକ ନିଯୁକ୍ତିସୃଷ୍ଟିକାରୀ କ୍ଷେତ୍ର ଯଥା ବୟନଶିଳ୍ପ, ଆତିଥ୍ୟ, ଲଜିଷ୍ଟିକ୍ସ ଏବଂ ଔଷଧ ଆଦି ପଶ୍ଚିମ ଓଡ଼ିଶା ବାହାରେ ରହିଛି। ନୂତନ ପୁଞ୍ଜିର ନିରନ୍ତର କେନ୍ଦ୍ରୀକରଣ ପଶ୍ଚିମ ଜିଲ୍ଲାଗୁଡ଼ିକରୁ ଶ୍ରମିକ ସ୍ଥାନାନ୍ତରକୁ ତୀବ୍ର କରିପାରେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକ ସ୍ପଷ୍ଟ ଆଂଚଳିକ ନିବେଶ ଢାଞ୍ଚା ଆବଶ୍ୟକ ହେବ ଯାହା ନିଶ୍ଚିତ କରିବ ଯେ ଭବିଷ୍ୟତରେ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଅଞ୍ଚଳ ଏବଂ ନିଯୁକ୍ତି ଆବଶ୍ୟକତା ସହିତ ଅଧିକ ସମନ୍ୱିତ ହେବା ଉଚିତ।

## ନକ୍ସଲମୁକ୍ତ ଓଡ଼ିଶା ପାଇଁ ହେଲା ନୂଆ ରୋଡମ୍ୟାପ୍

# ମୁଣ୍ଡଜାମିନ ପୁରସ୍କାର ରାଶି ଅତ୍ୟଧିକ ବୃଦ୍ଧି




**ଭୁବନେଶ୍ୱର :** ନକ୍ସଲମୁକ୍ତ ଓଡ଼ିଶା ପାଇଁ ହେଲା ନୂଆ ରୋଡମ୍ୟାପ୍। ଦୁଇମାସରେ ଦ୍ୱିତୀୟ ସଂଶୋଧିତ ପ୍ୟାକେଜ୍। ଗୃହ ବିଭାଗ ଜାରି କରିଥିବା ବିଜ୍ଞପ୍ତିରେ, ଥଇଥାନ ପ୍ୟାକେଜ୍ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ ନିୟମ ଯୋଡ଼ାଯାଇଛି। ନୂତନ ନିୟମ ଅନୁସାରେ, ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି। ଏହାବ୍ୟତୀତ, ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ। ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଜାରି କରିଛନ୍ତି। ଏଲଏମଜି ବନ୍ଧୁକ ପାଇଁ ୪.୯୫ଲକ୍ଷ ଟଙ୍କା, ଏକେ-୪୭ ପାଇଁ ୩.୩୦ଲକ୍ଷ ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧.୬୫ଲକ୍ଷ ଟଙ୍କା ଅଲଗା ଭାବେ ପ୍ରଦାନ କରାଯିବ। ଏପରିକି ଗୋଟିଏ ଗ୍ରେନେଡ୍ ପାଇଁ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ରଖାଯାଇଛି। କୌଣସି ଅସ୍ତ୍ର ନଥାଇ ଆତ୍ମସମର୍ପଣ କଲେ ମଧ୍ୟ ସମସ୍ତଙ୍କୁ ଅତିରିକ୍ତ ୨୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନିମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି। ଗତ କିଛିଦିନ ତଳେ ମାଓ ମୁକ୍ତ ଅଞ୍ଚଳ ହୋଇଥିଲା କୋରାପୁଟ ଜିଲ୍ଲା। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି। ସେପଟେ ଏସିଏମ୍ ରାଙ୍କର ଜଣେ ମହିଳା ମାଓବାଦୀ ମମତା ପୋଡିଆମି କୋରାପୁଟ ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିଲା। ନିଜ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି ମମତା ପଡିଆମୀ। ସେପଟେ ବୌଦ୍ଧ ଜିଲ୍ଲା ବି ସମ୍ପୁର୍ଣ୍ଣ ମାଓ ମୁକ୍ତ ହୋଇଛି। ବୌଦ୍ଧ ରେ ଆଉ ମାଓ ନାହାନ୍ତି ବୋଲି କହିଛନ୍ତି ଏସ.ପି ନୀତି ଶେଖର।




## ଜଙ୍ଗଲ ବିଭାଗର ଅଜବ ନିୟମ

# ବିନା ଯନ୍ତ୍ରୀରେ ଚାଲିଛି ଉନ୍ନୟନ କାମ



**ଅସ୍ତରଙ୍ଗ :** ପୁରୀ ବନଖଣ୍ଡ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ବନାଞ୍ଚଳ ଅଧୀନରେ ଥିବା ପୀର ଜାହାନିଆଁ ଠାରେ ନୂତନ ଭାବେ ତିଆରି ହେଉ ଥିବା ଗୃହକୁ କୌଣସି ଯନ୍ତ୍ରୀ ଆସୁନଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ପୀର ଜାହାନିଆଁ କାର୍ଯ୍ୟାଳୟ ନିକଟରେ ପ୍ରାୟ ୧୭ ଲକ୍ଷ୍ୟ ଉର୍ଦ୍ଧ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ ହେଉଅଛି। କିନ୍ତୁ ସେହି କାମକୁ ଜଣେ ଠିକାଦାର ନିଯୁକ୍ତି ହୋଇଛନ୍ତି ଉକ୍ତ କାର୍ଯ୍ୟ ଚାଲୁ ରହିଅଛି। କିନ୍ତୁ ସେଠାକୁ କୌଣସି ଯନ୍ତ୍ରୀ ଆସୁନଥିବା ଜାଣି ପଚାରିବାରୁ ଜାଣିବାକୁ ମିଳିଲା ଏହି କାମରେ ଯନ୍ତ୍ରୀ କେହି ନାହାନ୍ତି। ଏ ସମ୍ପର୍କରେ ବନପାଳ କାଳିଚରଣ ମହାନ୍ତିଙ୍କୁ ପଚାରିବାରୁ ଏହି କାମରେ ଆମର କେହି ଯନ୍ତ୍ରୀ ନାହାନ୍ତି ଆମେ (ମୁଁ) ଦେଖୁଛି ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସମସ୍ତ ସରକାରୀ ଉନ୍ନୟନ କାର୍ଯ୍ୟ ପାଇଁ ସତନ୍ତ୍ର ଭାବେ ଯନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ତେବେ ବନ ବିଭାଗରେ ଏତେ ଟଙ୍କାର କାମ କୁ କିପରି ଭାବେ ଦେଖାଶୁଣା କରିବାକୁ ଯନ୍ତ୍ରୀ ନାହାନ୍ତି ଏବଂ ଜଣେ ବନପାଳ କିପରି ନିର୍ମାଣ ଅଭିଜ୍ଞତା ନ ଥାଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ରାଜ୍ୟ ରାଜକୋଷରୁ ବ୍ୟୟ ହେଉଥିବା ଅର୍ଥକୁ କିଭଳି ଭାବେ ବାଟମାରଣା ହେବ ତାହା ସ୍ପଷ୍ଟ ଅନୁମାନ କରାଯାଉଛି। ଉକ୍ତ ନିର୍ମାଣ କାର୍ଯ୍ୟର ମାନ, ଗୁଣବତ୍ତା ଓ ସ୍ଥାୟୀତ୍ୱ କେବଳ ଠିକାଦାର ହାତରେ ଟେକି ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାର ଓ ଜିଲ୍ଲା ପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**